


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୬ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 JANUARY 2021
Vol.No. 31 ■ No. 15 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଆଜି ଦେଶବ୍ୟାପୀ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୫।୦୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶନିବାର ପୂର୍ବାହ୍ନ ସାଢ଼େ ଦଶଟା ସମୟରେ ଭିଡିଓ କନଫରେନ୍ସ ଜରିଆରେ ଦେଶବ୍ୟାପୀ କୋଭିଡ-୧୯ ଟୀକାକରଣ ଅଭିଯାନର ଶୁଭାରମ୍ଭ କରିବେ। ଦେଶର କୋଣଅନୁକୋଣରେ ପହଂଚିବାକୁ ଥିବା ଏହା ହେବ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ମୋଟ ୩୦୦୬ଟି ଟୀକାକରଣ କେନ୍ଦ୍ର ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହେବ। ଉଦଘାଟନୀ ଦିବସରେ ପ୍ରତ୍ୟେକ ଟୀକାକରଣ କେନ୍ଦ୍ରରେ ପାଖାପାଖି



୧୦୦ ଜଣ ହିତାଧିକାରୀଙ୍କୁ ଟୀକା ଦିଆଯିବ। ପ୍ରାଥମିକ ବର୍ଗଙ୍କୁ ପ୍ରଥମେ ଟୀକା ଦିଆଯିବାର ନୀତି ଉପରେ ଏହି ଟୀକାକରଣ ଅଭିଯାନ ଆଧାରିତ। ତେଣୁ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଉଭୟ ସରକାରୀ ଏବଂ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟସେବା କର୍ମୀମାନଙ୍କୁ ଏହି ପ୍ରଥମ ପର୍ଯ୍ୟାୟରେ ଟୀକା ଦିଆଯିବ। ଏହି ଟୀକାକରଣ କାର୍ଯ୍ୟକ୍ରମ ସମୟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବିକଶିତ କରାଯାଇଥିବା ଏକ ଅନଲାଇନ ଡିଜିଟାଲ ପ୍ଲାଟଫର୍ମ କୋ-ୱିନ୍‌କୁ ଉପଯୋଗ କରାଯିବ। ଏହା ଗଚ୍ଛିତ ଥିବା ଟୀକା ପରିମାଣ, ଭଣ୍ଡାରଣ ତାପମାତ୍ରା ଏବଂ କୋଭିଡ-୧୯ ଟିକା ଦେବା ଲାଗି ହିତାଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ଟ୍ରାକ କରିବା ସମ୍ପର୍କରେ ସଠିକ ସମୟରେ ସୂଚନା ଯୋଗାଇ ଦେବ। ଟୀକାକରଣ ଅଭିଯାନ ଚଳାଇବା ସମୟରେ ସମସ୍ତ ସ୍ତରରେ କାର୍ଯ୍ୟକ୍ରମ ପରିଚାଳକମାନଙ୍କୁ ଏହି ଡିଜିଟାଲ ପ୍ଲାଟଫର୍ମ ସହାୟକ ହୋଇପାରିବ।

▶▶ପୃଷ୍ଠା ୭

## କିଡନୀ ନାଁରେ ଠକେଇ ମାମଲା : ୩ ଦିନିଆ ରିମାଣ୍ଡରେ ଯିବ ହିମାଂଶୁ

ଭୁବନେଶ୍ୱର,୧୫।୦୧ (ନି.ପ୍ର): କିଡନୀ ଦେବା ନାଁରେ ଟଙ୍କା ଠକେଇ ମାମଲାରେ ଗିରଫ ଅଭିଯୁକ୍ତ ହିମାଂଶୁ ଭୂଷଣ ନନ୍ଦକୁ ୩ ଦିନିଆ ରିମାଣ୍ଡରେ ନେବ କମିଶନରେଟ୍ ପୋଲିସ୍। ଭୁବନେଶ୍ୱର ଏସଡିଜେଏମ୍ କୋର୍ଟ କମିଶନରେଟ୍ ପୋଲିସ୍‌କୁ ଏଥିପାଇଁ ଅନୁମତି ଦେଇଛନ୍ତି। ରିମାଣ୍ଡ କାଳରେ କିଡନୀ ଠକେଇ ମାମଲାରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ପୋଲିସ୍ ହିମାଂଶୁକୁ ପଚରାଉଚରା କରିପାରେ। ଲିଙ୍କ୍ ରେ ଥିବା ହସ୍ପିଟାଲ , ଡାକ୍ତର ଓ ଡୋନରଙ୍କ ବିଷୟରେ ଖୋଳତାଡ କରାଯିବ।

# ପରୀ ମାମଲା : ତଦନ୍ତ ତଦାରଖ ପାଇଁ ହାଇକୋର୍ଟଙ୍କୁ ଚିଠି ଦେଇନାହାନ୍ତି ରାଜ୍ୟ ସରକାର !

ଭୁବନେଶ୍ୱର,୧୫।୦୧ (ନି.ପ୍ର): ନୟାଗଡ଼ ଯଦୁପୁରର ବହୁ ଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ରାଜ୍ୟ ସରକାର ଏସ୍ଆଇଟି ତଦନ୍ତ ମନିଟର ଲାଗି ସିଟିଂ ଜଜ୍ ନିଯୁକ୍ତି ପାଇଁ ହାଇକୋର୍ଟଙ୍କୁ କୌଣସି ଚିଠି ଲେଖିନାହାନ୍ତି। ଯେଉଁ କାରଣରୁ କୌଣସି ପଦକ୍ଷେପ ନେବାର ପ୍ରଶ୍ନ ଉଠୁନଥିବା ହାଇକୋର୍ଟ କହିଛନ୍ତି। ସୂଚନା ଅଧିକାର ଆଇନ୍ ବଳରେ ହାଇକୋର୍ଟରୁ ଏହି ସୂଚନା ମିଳିଛି। ପରୀ ମାମଲା ସଂପର୍କରେ ଜନ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାଇକୋର୍ଟରୁ ତଥ୍ୟ ମାଗିଥିଲେ। ହେଲେ ହେମନ୍ତଙ୍କ ଆବେଦନର ଉତ୍ତର ଚଳିତ ମାସ ୬ ତାରିଖରେ ହାଇକୋର୍ଟରୁ ଆସିଛି। ଯେଉଁଥିରେ ହାଇକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି ଯେ ରାଜ୍ୟ ସରକାର ସିଟିଂ ଜଜ୍ ନିଯୁକ୍ତି ପାଇଁ କୌଣସି ଚିଠି ଲେଖିନାହାନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଯେ ରାଜ୍ୟ ସରକାର ପରୀ ହତ୍ୟାକାଣ୍ଡର ତଦନ୍ତ ପାଇଁ ଯେଉଁ ଏସ୍ଆଇଟି ନିଯୁକ୍ତ କରିଛନ୍ତି, ତାକୁ କିଏ ମନିଟର କରୁଛନ୍ତି ? ପରୀ ମୃତ୍ୟୁର ତଦନ୍ତ ନେଇ ଗତ ନଭେମ୍ବର ୨୮ ତାରିଖରେ ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ୫ ଜଣିଆ ଏସଆଇଟି ଗଠନ କରିଥିଲେ। ରାଜ୍ୟ ସରକାର ତା' ସହ ଏସଆଇଟି ତଦନ୍ତର ମନିଟରିଂ ଜଣେ ସିଟିଂ ଜଜଙ୍କ ଦ୍ୱାରା କରାଇବାକୁ ଗୃହ ବିଭାଗର



▶▶ପୃଷ୍ଠା ୭

## ପୁଣି ୨୦୦ ତଳକୁ ଖସିଲା ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର,୧୫।୦୧ (ନି.ପ୍ର): ୧୦ ଦିନ ପରେ ରାଜ୍ୟରେ ପୁଣି ଥରେ ଗୋଟିଏ ଦିନରେ ଚିହ୍ନଟ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ତଳକୁ ଖସିଛି। ଆଜି ଆସିଥିବା ରିପୋର୍ଟ ଅନୁଯାୟୀ, ଜାନୁଆରୀ ୧୪ ତାରିଖରେ ରାଜ୍ୟରେ ୧୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୮ ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୭୮ଟି ହେଉଛି ଲୋକାଲ୍ କେସ୍। ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ୨୬ଟି ଜିଲ୍ଲା ଓ ଷ୍ଟେଟ୍ ପୁଲ୍‌ରୁ ଏହି ନୂଆ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୩୫ ଜଣ ଚିହ୍ନଟ ହୋଇଛନ୍ତି। ଅନୁଗୋଳରୁ ୧୮ ଜଣ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧, ବରଗଡ଼ରୁ ୧୫ , ବଲାଙ୍ଗିରରୁ ୮, ବୌଦ୍ଧରୁ ୨, କଟକରୁ ୧୪, ଦେବଗଡ଼ରୁ ଜଣେ, ଗଜପତିରୁ ୨, ଗଞ୍ଜାମରୁ ଜଣେ, ଜଗତସିଂହପୁରରୁ ଜଣେ, ଯାଜପୁରରୁ ୮, ଝାରସୁଗୁଡ଼ାରୁ ୩, କଳାହାଣ୍ଡିରୁ ଜଣେ, କେନ୍ଦ୍ରାପଡ଼ାରୁ ୩, କେନ୍ଦୁଝରରୁ ୨, ଖୋର୍ଦ୍ଧାରୁ ୭, କୋରାପୁଟରୁ ୧, ମୟୂରଭଞ୍ଜରୁ ୫, ନବରଙ୍ଗପୁରରୁ ୨, ନୟାଗଡ଼ରୁ ୨, ନୂଆପଡ଼ାରୁ ୪, ପୁରୀରୁ ୧୪, ରାୟଗଡ଼ାରୁ ଜଣେ, ସମ୍ବଲପୁରରୁ ୨୦ ଓ ସୋନପୁରରୁ ୪ ଜଣ ଚିହ୍ନଟ ହୋଇଛନ୍ତି। ଷ୍ଟେଟ୍ ପୁଲ୍‌ରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ, ଢେଙ୍କାନାଳ, କନ୍ଧମାଳ ଓ ମାଲକାନଗିରିରୁ ଜଣେ ବି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ୧୯୮ଟି ନୂଆ କେସ୍ ସହିତ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩,୩୨,୯୪୯ରେ ପହଞ୍ଚିଯାଇଛି। ସେମାନଙ୍କ ମଧ୍ୟରୁ ୩,୨୮,୮୩୨ ଜଣ ସୁସ୍ଥ ହୋଇସାରିଛନ୍ତି। ୨,୧୬୬ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ କରୋନାରେ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହା ସହିତ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୯୮ରେ ପହଞ୍ଚିଛି। ମୃତକ ଦ୍ୱୟ ଖୋର୍ଦ୍ଧା ଓ ସୁନ୍ଦରଗଡ଼ର। ଉଭୟ ପୁରୁଷ ଥିଲେ। ସେମାନଙ୍କୁ ଯଥାକ୍ରମେ ୬୯ ଓ ୫୦ ବର୍ଷ ହୋଇଥିଲା। ଖୋର୍ଦ୍ଧାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୩୩ରେ ପହଞ୍ଚିଥିବା ବେଳେ ସୁନ୍ଦରଗଡ଼ରେ ୧୭୦ ହୋଇଛି।

# ସ୍କୁଲ ଖୋଲୁ ଖୋଲୁ ୫୦ ଆକ୍ରାନ୍ତ !

ଭୁବନେଶ୍ୱର,୧୫।୦୧ (ନି.ପ୍ର): କରୋନା ମହାମାରୀ ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିଥିବା ସ୍କୁଲ ଖୋଲିଛନ୍ତି ରାଜ୍ୟ ସରକାର। ତେବେ ପ୍ରଥମ ପର୍ଯ୍ୟାୟରେ କୋଭିଡ୍ ଗାଇଡଲାଇନରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଛି। କିନ୍ତୁ ସ୍କୁଲ ଖୋଲୁ ଖୋଲୁ କରୋନା ଭୟ ଦେଖା ଦେଇଛି। ଝାରସୁଗୁଡ଼ା ଓ ଗଜପତିର ଦୁଇଟି ସ୍କୁଲରେ ଛାତ୍ରଛାତ୍ରୀ ଓ ଶିକ୍ଷକ ସଂକ୍ରମିତ ହେବା ପରେ ଏବେ ପିଲାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିଯାଇଛି। ତେବେ ସରକାରଙ୍କ ଗାଇଡଲାଇନ୍ ଓ ସତର୍କତା ସତ୍ତ୍ୱେ ସଂକ୍ରମଣ କିପରି ବ୍ୟାପିଲା, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଝାରସୁଗୁଡ଼ା ଲଇକେରା ବ୍ଲକର ୨୦ ଜଣ ଛାତ୍ରଛାତ୍ରୀ ପଜିଟିଭି ଚିହ୍ନଟ ହୋଇଛନ୍ତି। ତେଣୁ



ଜିଲ୍ଲାର ଅନ୍ୟ ଅଞ୍ଚଳରେ ଭୂତାଣୁ ସଂକ୍ରମଣ ହୋଇଛି ନା ନାହିଁ ତାକୁ ନେଇ ଆଶଙ୍କା ବଢ଼ିଛି। ସେହିପରି ଗଜପତି ଜିଲ୍ଲାରେ ମଧ ଗତ ୭ ଦିନ ଭିତରେ ୨୬ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ କରୋନାରେ ସଂକ୍ରମିତ ହୋଇଛନ୍ତି। ଏଥିସହ ସ୍କୁଲ୍ ଖୋଲିବା ପରଠାରୁ ସ୍କୁଲରେ ସଂକ୍ରମିତଙ୍କ ସଂଖ୍ୟା ୫୦ ଛୁଇଁଲାଣି। ଏହାସତ୍ତ୍ୱେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ଯେଭଳି ବ୍ୟାହତ ନହେବ ସେଥିଲାଗି ପଦକ୍ଷେପ ନିଆଯାଉଛି। ଶିକ୍ଷକ ପଜିଟିଭି ଚିହ୍ନଟ ହେଲେ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ନିୟୋଜିତ କରାଯାଉଛି। ସେହିପରି ସାମାଜିକ ଦୂରତ୍ୱ ଓ

▶▶ପୃଷ୍ଠା ୭

# ଆବଶ୍ୟକତାକୁ ଆଖି ଆଗରେ ରଖି କାମ କଲେ ସୃଷ୍ଟି ହୋଇ ପାରିବ ବ୍ରାଣ୍ଡ : ନବୀନ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଲୋକ ମାନଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି କାମ କଲେ ବ୍ରାଣ୍ଡ ସୃଷ୍ଟି ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏକ ସମ୍ବାଦପତ୍ର ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ଶିଳ୍ପ ସହଯୋଗ ପଲିସି, ତ୍ୱରିତ କ୍ଲିଅରାନ୍ସ ପାଇଁ ପଦକ୍ଷେପ ନେଇଛନ୍ତି । କରୋନା ସମୟରେ ବି ରାଜ୍ୟକୁ ୧.୨୫ ଲକ୍ଷ କୋଟି ର ନିବେଶ ଆସିଛି । ସେ କହିଛନ୍ତି ଯେ ଆମର ଷ୍ଟାର୍ଟ ଅପ୍ ପଲିସି ଦେଶର ଶ୍ରେଷ୍ଠ ପଲିସି ଭାବେ ପରିଗଣିତ। ବିଭିନ୍ନ



ସେକ୍ଟରରେ ଥିବା ସୁଯୋଗ ଯୁବକମାନେ ନେବା ଜରୁରୀ। ମୁଖ୍ୟମନ୍ତ୍ରୀ ଏହି ଅବସରରେ 'ଓୟୋ'ର ପ୍ରତିଷ୍ଠାତା ଓଡ଼ିଆ ଯୁବକ ରିତେଶଙ୍କ କଥା ଉଲ୍ଲେଖ କରି କହିଛନ୍ତି ଯେ ରିତେଶ ଲକ୍ଷଲକ୍ଷ ପର୍ଯ୍ୟଟକଙ୍କ ପାଇଁ ନୂଆ ବ୍ୟବସ୍ଥା ସୃଷ୍ଟି କରିଛନ୍ତି। ରାଜ୍ୟରେ ବ୍ୟବସାୟର ଉନ୍ନତି ପାଇଁ ସରକାର ନିରନ୍ତର କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

# ଏଥର ସାଧାରଣତନ୍ତ୍ର ଦିବସ ପରେଡ ଦେଖିପାରିବେନି ସାଧାରଣ ଲୋକ

ଭୁବନେଶ୍ୱର,୧୫।୦୧ (ନି.ପ୍ର): କୋଭିଡ କଟକଣା ଭିତରେ ଚଳିତ ବର୍ଷ ପାଳିତ ହେବ ସାଧାରଣତନ୍ତ୍ର ଦିବସ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଇଡଲାଇନ୍ ଜାରି କରାଯାଇଛି । ଏନେଇ ସବୁ ଜିଲ୍ଲାପାଳ ଓ ଏସ୍ ?ପିଙ୍କୁ ଚିଠି ଲେଖିଛି ଗୃହ ବିଭାଗ । ଗାଇଡଲାଇନ୍ ଅନୁଯାୟୀ, ସକାଳ ୮ଟା ୩୦ରେ ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ।



ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯିବ । ପରେଡରେ କେବଳ ପୁଲିସ୍ ହିଁ ସାମିଲ ହେବେ। ଚଳିତ ବର୍ଷ ଛାତ୍ରଛାତ୍ରୀ ଓ ଏନସିସି କ୍ୟାଡେଟ୍ ସାମିଲ ହେବେନି। ଗଣତନ୍ତ୍ର ଦିବସ ପରେଡଙ୍କୁ କିନ୍ତୁ ସାଧାରଣ ଜନତାଙ୍କୁ ବାରଣ କରାଯାଇଛି ।

▶▶ପୃଷ୍ଠା ୭

# ଅଯୋଧାରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ଅଭିଯାନରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଅଯୋଧାରେ ପ୍ରଭୁ ଶ୍ରୀରାମ ଜନ୍ମଭୂମିରେ ଏକ ବିଶ୍ୱସ୍ତରୀୟ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଓଡ଼ିଶାର ଭକ୍ତ ମାନଙ୍କର ସହଯୋଗ ପ୍ରାପ୍ତି ନିମନ୍ତେ ଓଡ଼ିଶା ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ପକ୍ଷରୁ ମକର ସଂକ୍ରାନ୍ତିର ପବିତ୍ର ଦିନରୁ ଆରମ୍ଭ ହୋଇଥିବା ଅଭିଯାନରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି



ଅଭିଯାନରେ ସାମିଲ ହେବା ଆନନ୍ଦର ବିଷୟ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିବା ସହ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଯୋଧାରେ ପ୍ରଭୁ ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ଭରତବର୍ଷରେ ବିଭିନ୍ନ ସମିତି ପକ୍ଷରୁ ଆର୍ଥିକ ସହଯୋଗ ପ୍ରାପ୍ତି ନିମନ୍ତେ

▶▶ପୃଷ୍ଠା ୭

# ଦିଲ୍ଲୀ ଅଭିମୁଖେ ବାହାରିଲେ ଓଡ଼ିଶା ଚାଷୀ : ବଳ ବଢ଼ାଉଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଦିଲ୍ଲୀରେ କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଆଜି ଓଡ଼ିଶାରୁ ପାଖାପାଖି ୫୦୦ ଚାଷୀ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା ଡ଼ାକରାରେ ଚାଲିଥିବା ଚାଷୀ ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନ ଏକ ସକ୍ରିୟ ଜାତୀୟ ସଂଗଠନ। ଏହାର ମୁଖ୍ୟ ଅକ୍ଷୟ କୁମାର ଦିଲ୍ଲୀରେ ମାସାଧିକ କାଳ ଆନ୍ଦୋଳନରେ ରହିବା ସହ ଦୁଇ ଦୁଇଥର କେନ୍ଦ୍ର ସରକାରଙ୍କ ସହ ଆଲୋଚନାରେ ଭାଗ ନେଇଛନ୍ତି। ଆଜି ଲୋୟର ପିଏମ୍‌ଜିରେ ଏ ନେଇ ସମାବେଶ ହେବା ସହ ଏଥିରେ ବରିଷ୍ଠ କୃଷକନେତାମାନେ ଓ ସଂଗଠନର ଉପଦେଷ୍ଟା ରବି ଦାସ ଚାଷୀମାନଙ୍କୁ ଉଦବୋଧନ ଦେଇ ଚାଷୀ ଆନ୍ଦୋଳନରେ ଓଡ଼ିଶା ଚାଷୀମାନଙ୍କର ଏହି ଯୋଗଦାନ ଚାଷୀ ଆନ୍ଦୋଳନକୁ ତେଜିୟାନ କରିବ ବୋଲି କହିଥିଲେ। ସଂଗଠନର ଜାତୀୟ ସଂଯୋଜକ ଅକ୍ଷୟ କୁମାର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଥିଲେ ଯେ, କେନ୍ଦ୍ର ସରକାର ଆଲୋଚନା ନାଁରେ ତାରିଖ ଗଡ଼ାଇ ଚାଷୀ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି ଏହା କେବେ ସଫଳ ହେବ ନାହିଁ। ଲମ୍ବା ଲଢେଇରେ ଚାଷୀମାନଙ୍କ ଐତିହାସିକ ବିଜୟ ହେବ। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଚାଷୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ, ବିଷ ଲଡୁ ଧରି ମୂଷାଙ୍କୁ ଯେମିତି ମରାଯାଏ ସେମିତି କଳା କାନୁନ ମାଧ୍ୟମରେ କେନ୍ଦ୍ର ସରକାର ଚାଷୀଙ୍କୁ ମାରିବା ପାଇଁ ଅଭିଯାନ ଚଳାଇଛନ୍ତି। ଏହାର ଦୃଢ଼ ଜବାବ ଦେବା ପାଇଁ ଓଡ଼ିଶାର ଚାଷୀମାନେ ଦିଲ୍ଲୀ ଅଭିମୁଖେ ଗ୍ରସ୍ତ କରିଛନ୍ତି। ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନ ଗୋଟିଏ ଦୁଇଟି ରାଜ୍ୟର ଆନ୍ଦୋଳନ ନୁହେଁ ବୋଲି ଓଡ଼ିଶା ଲୋକେ ଦିଲ୍ଲୀରେ ପହଂଚି ପ୍ରମାଣ କଲେଣି। ଚାଷୀ ଆନ୍ଦୋଳନର ନିଆଁକୁ କେନ୍ଦ୍ର ସରକାର ଭବିଷ୍ୟତରେ ରୋକିପାରିବେ ନାହିଁ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭାରତ ଓ ଯୁବଛାତ୍ର ସଂଯୋଜକ ମନୱାର ଅଲ୍ଲୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବିପ୍ରଚରଣ ସାହୁ, ଦୁର୍ଗାପ୍ରସାଦ ଦାସ, ମହେଶ୍ୱର ଜେନା, ଦୁର୍ଗାଚରଣ ସ୍ୱାଇଁ, ସୁଦର୍ଶନ ପାତ୍ର, ରମେଶ ଚନ୍ଦ୍ର କର, ଲକ୍ଷ୍ମୀଧର ପ୍ରଧାନ, ଦିବାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ୨୫ରେ ଜାତୀୟ ମତଦାତା ଦିବସ : ସମ୍ବର୍ଦ୍ଧିତ ହେବେ ନୂତନ ଭୋଟର

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଆସନ୍ତା ଜାନୁଆରୀ ୨୫ ତାରିଖରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ କରାଯିବ। ନିର୍ବାଚନ ଆୟୋଗଙ୍କ ତରଫରୁ ଏ ବର୍ଷର ବିଷୟବସ୍ତୁ 'ଆମ ଭୋଟର ସଶକ୍ତ, ସତର୍କ, ନିରାପଦ ଓ ଜାଗ୍ରତ ଅଟନ୍ତି' ରଖାଯାଇଛି। ଆମ ରାଜ୍ୟର ରାଜ୍ୟସ୍ତରରେ, ଜିଲ୍ଲା ସ୍ତରରେ ଏବଂ ବୁଥ୍ ସ୍ତରରେ ଜାତୀୟ ମତଦାତା ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଛି। କୋଭିଡ୍ କଟକଣା ଯୋଗୁଁ ଏ ବର୍ଷ ଯେତେଦୂର ସମ୍ଭବ କମ ଲୋକଙ୍କୁ ନେଇ ଜାତୀୟ ମତଦାତା ଦିବସ ଭର୍ଚୁଆଲ୍ ମାଧ୍ୟମରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି । ରାଜ୍ୟସ୍ତରରେ ଏକାଦଶ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ

▶▶ପୃଷ୍ଠା ୭

# ଏବିଭିପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟିରେ ଓଡ଼ିଆ ଛାତ୍ରନେତା

ବାଲେଶ୍ୱର,୧୫।୧ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ କମିଟିରେ ୧୦ ଜଣ ଓଡ଼ିଆ ଛାତ୍ରନେତା ସ୍ଥାନ ପାଇବାକୁ ନେଇ ଏବିଭିପି ବାଲେଶ୍ୱର ଶାଖା ସନ୍ତୋଷ ପ୍ରକାଶ କରିଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୌଭାଗ୍ୟ ମହାନ୍ତି ଓ ରାଜ୍ୟ ସହ ସମ୍ପାଦକ ଲକ୍ଷ୍ମୀନାରାୟଣ ନାୟକ ଯୋଗଦେଇ ଆଗାମୀ ଶିକ୍ଷାବର୍ଷ ପାଇଁ ସଂଗଠନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ଏବିଭିପିର ୬୬ତମ ରାଷ୍ଟ୍ରୀୟ ଅଧିବେସନରେ ସର୍ବଭାରତୀୟ ଜନଜାତି ଛାତ୍ର ପ୍ରମୁଖ ଓ ପୂର୍ବକ୍ଷେତ୍ରର ସଂଗଠନ ସମ୍ପାଦକ ଭାବେ ଗୋବିନ୍ଦ ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ମୃତିସୁଧା ସାହୁଙ୍କୁ କେନ୍ଦ୍ରୀୟ କାର୍ଯ୍ୟ ସମିତି ସଦସ୍ୟା, ଅଭିଲାଷ ପଣ୍ଡାଙ୍କୁ ଓଡିଶା ପ୍ରାନ୍ତ ସଂଗଠନ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି । ଏହା ସହିତ ଓଡିଶାର ୬ ଜଣ ଛାତ୍ରନେତାଙ୍କୁ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି । ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଛାତ୍ର ସୌଭାଗ୍ୟ ମହାନ୍ତି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ । ଆଗାମୀ ଦିନରେ ସଂଗଠନ ପକ୍ଷରୁ ଶିକ୍ଷାର ମାନ ବୃଦ୍ଧି ସହିତ ଆତ୍ମ ନିର୍ଭର ଭାରତ ନିର୍ମାଣ ଏବଂ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ହାତକୁ ନେବ ବୋଲି କର୍ମକର୍ତାମାନେ କହିଥିଲେ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ପ୍ରତିନିଧିଙ୍କ ସୁରକ୍ଷା ପ୍ରଦାନ ପାଇଁ ସେମାନେ ଦାବୀ କରିଥିଲେ । ଏହା ସହିତ କରୋନା କଟକଣା ଯୋଗୁଁ ଜନସାଧାରଣଙ୍କ ଉପାର୍ଜନ ହ୍ରାସ ପାଇଥିବାରୁ ଶିକ୍ଷାରେ ଶୁଳ୍କ ହ୍ରାସ, କୋଭିଡ ନିୟମାନୁଯାୟୀ ସମସ୍ତ ଶ୍ରେଣୀକୁ ଖୋଲିବା ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଖାଲି ପଡିଥିବା ଅଧ୍ୟାପକ ଓ ଅଧ୍ୟାପିକା ପଦବୀ ତୁରନ୍ତ ପୂରଣ ପାଇଁ ଏବିଭିପି ପକ୍ଷରୁ ଦାବୀ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏବିଭିପିର ଜିଲ୍ଲା ସଂଯୋଜକ ସାଇ ପ୍ରିତମ ସେନାପତି ଓ ଜିଲ୍ଲା ସହ ସମ୍ପାଦକ ଜୀବନ ଜ୍ୟୋତି ରାଉତ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଓଡ଼ିଶୀ ନୃତ୍ୟ ମହାକୁମ୍ଭରେ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଆରମ୍ଭ

ଭୁବନେଶ୍ୱର ,୧୫।୧ (ନି.ପ୍ର): ତିନିଦିନ ଧରି ହେବାକୁ ଥିବା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁଭ ଉଦଘାଟନ ହୋଇଥିଲା । ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ପଣ୍ଡିତ ମହେଶ୍ୱର ରାଓ ଓ ସାଥୀଙ୍କ ଦ୍ୱାରା ଛଅ ପଦ ଓ ଛଅ ରାଗରେ ପରିବେଶିତ ଶିବ ସୁରକ୍ଷା ମନ୍ତ୍ରରୁ । ବୃନ୍ଦଗାନରେ ସେମାନେ ପ୍ରସ୍ତୁତ କରିଥିଲେ ଶିବ ବନ୍ଦନା ଓଁ ନମଃ ଶିବାୟ । ଏହି ସମବେତ ସଙ୍ଗୀତକୁ ନିର୍ଦ୍ଦେଶନା ଦେଇଥିଲେ ନିଜେ ମହେଶ୍ୱର ରାଓ । ପରବର୍ତୀ କାର୍ଯ୍ୟକ୍ରମ ଥିଲା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ମୀରା ଦାସଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ପରିବେଶଣ । ତାଙ୍କର ପ୍ରଥମ ଅର୍ଘ୍ୟ ଥିଲା ଶିବସ୍ତୁତି ପୁଷ୍ପାଞ୍ଜଳୀରେ ମଙ୍ଗଳାଚରଣ ପରେ ପରେ ରାଗ ବିହ୍ଲରୀ ଓ ତାଳ ଏକତାଳୀରେ ପଲ୍ଲବୀ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ କେଳୁଚରଣ ମହାପାତ୍ର । ତାଙ୍କର ଅନ୍ତିମ ପ୍ରସ୍ତୁତିରେ ଥିଲା ରାମାୟଣରୁ ଉଦ୍ଧୃତ ଅଭିନୟ ଶବରୀ ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ଭୁବନେଶ୍ୱର ମିଶ୍ର ଓ ନୃତ୍ୟ ସଂରଚନା କରିଥିଲେ ନିଜେ ଗୁରୁ ମୀରା ଦାସ । ଯୁଗ୍ମ ନୃତ୍ୟ କାର୍ଯ୍ୟକ୍ରମରେ ପ୍ରୀତିସା ମହାପାତ୍ର ଓ ରିବଧିତା ବରୁଆଙ୍କ ଦ୍ୱାରା ପ୍ରଥମେ ଶିବସ୍ତୁତି ଜୟ ମହେଶ ପରେ ପରେ ପଲ୍ଲବୀ ଓ ଶେଷରେ ଅଭିନୟ ଶ୍ରୀରାମସ୍ତୁତି ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର ଓ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓ ଶ୍ରୀ ପଦୀପ କୁମାର ଦାସ । ଶେଷ କାର୍ଯ୍ୟକ୍ରମ ଥିଲା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ । ସେମାନନେ ପ୍ରଥମେ ମଙ୍ଗଳାଚରଣରେ ଶ୍ରୀଗଣେଶ ପରେ ପରେ ରାଗ କ୍ଷୀରବାଣୀ ପଲ୍ଲବୀ ଏବଂ ଶେଷରେ ଅଭିନୟ ଶକ୍ତି ପରିବେଶଣ କରିଥିଲେ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଲିଙ୍ଗରାଜ ପ୍ରଧାନ ଓ ଗୁରୁ ପଙ୍କଜ କୁମାର ପ୍ରଧାନ ଏବଂ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ଜେନା ଓ ଗୁରୁ ବିଜୟ କୁମାର ବାରିକ । ଉଦଘାଟନୀ ସଂଧ୍ୟାର ଏହି ମନୋରମ କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଦର୍ଶକ ଉପଭୋଗ କରିଥିଲେ । ସମସ୍ତ ନୃତ୍ୟ କାର୍ଯ୍ୟକ୍ରମର ଆଲୋକ ପରିଚାଳନା କରିଥିଲେ ଦେବୀ ପ୍ରସାଦ ମିଶ୍ର । ଉଦଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଓଡ଼ିଶା ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା; ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ; ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର; ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି; ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡ଼. ସଙ୍ଗୀତା ଗୋସାଇଁ ।

# କନ୍ୟାଶ୍ରମକୁ ଅର୍ଥଦାନ




ଭଦ୍ରକ,୧୫।୧ (ନି.ପ୍ର): ଭଦ୍ରକ ବ୍ଲକର ଚଣ୍ଡିଗାଁ ପଞ୍ଚାୟତ ପଗଡ ଗ୍ରାମ ସ୍ଥିତ ମାନବବାଦୀ କନ୍ୟାଶ୍ରମକୁ ଗାନ୍ଧୀ ବିଚାରମଞ୍ଚ ପକ୍ଷରୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆଶ୍ରମରେ ୨୫ଜଣ ୫ ବର୍ଷରୁ ୧୬ ବର୍ଷ ପର୍ଯ୍ୟନ୍ତ ଅସହାୟା ପିତୃମାତୃହୀନା କନ୍ୟା ରହି ନିଜର ଜୀବନ ନିର୍ବାହ କରୁଛନ୍ତି । ଗାନ୍ଧୀ ବିଚାରମଞ୍ଚର ସମ୍ପାଦକ ଶାନ୍ତନୁ ମହାପାତ୍ର, ଅନ୍ୟ ସଭ୍ୟ ପ୍ରଫେସର ରାଜକିଶୋର ସାହୁ, କ୍ଷୀରୋଦ ଚନ୍ଦ୍ର ମିଶ୍ର, ପଦ୍ମନାଭ ପାଢୀ, ଡା. ସୁରଥ କୁମାର ବିଶ୍ୱାଳ, ଡା. ରମେଶ ଚନ୍ଦ୍ର ସାହୁ, ବାସୁଦେବ ବାରିକ, ବିମ୍ବାଧର ବ୍ରହ୍ମ, ନରୋତ୍ତମ ପରିଡା, ନରେନ୍ଦ୍ର କୁମାର ଦାସ, ଶୋଭାରାଜ କୁନ୍ତଳ, ଅଜୟ କୁମାର ମହାପାତ୍ର, ଡ. ରାମଚନ୍ଦ୍ର ପଣ୍ଡା, ଉଦୟନାଥ ମହାନ୍ତି, ମାନସ କୁମାର ଲେଙ୍କା, ଦେବେନ୍ଦ୍ର ନାଥ ସ୍ୱାଇଁ, ଜନ୍ମୟ କୁମାରୀ ସାହୁ, ବୈଲୋଚନ ବେହୁରିଆ, ରବିନ୍ଦ୍ର କୁମାର ସାହୁ ପ୍ରମୁଖ କନ୍ୟାଶ୍ରମରେ ପହଞ୍ଚି ଅର୍ଥରାଶି ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଆଶ୍ରମ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଅକ୍ଷୟ କୁମାର ମିଶ୍ର ପୌରୋହିତ୍ୟ କରିଥିଲେ । ମଂଚ ପକ୍ଷରୁ ପ୍ରତିମାସ କିଛି କିଛି ଅର୍ଥ ସଂଗ୍ରହ କରାଇ ଉକ୍ତ ଆଶ୍ରମକୁ ପ୍ରଦାନ କରାଯିବ ବୋଲି ମଂଚ ପକ୍ଷରୁ ସଭାରେ ଘୋଷଣା କରାଯାଇଥିଲା । ସଭାରେ ସମ୍ପାଦକ ପଞ୍ଚାନନ କର, ଶାନ୍ତନୁ ରାଉତ, କ୍ଷୀରୋଦ ମିଶ୍ର, ରଂଜନ ସାହୁ, ପଦ୍ମନାଭ ପାଢୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ କପିଳ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ୧୭୯ତମ ଜୟନ୍ତୀ



ଜଳେଶ୍ୱର,୧୫।୧ (ନି.ପ୍ର): ଜଳେଶ୍ୱର ବ୍ଲକ ଗୋବରଘଟା ପଂଚାୟତ ଅଧିନ ହାଟପଦା ନିକଟରେ ସଂକ୍ରାନ୍ତି ପୁରୁଷ ତଥା ଓଡିଆ ଭାଷା, ସାହିତ୍ୟକୁ ବଂଚାଇ ରଖିଥିବା ଫକୀରମୋହନ ସେନାପତିଙ୍କ ୧୭୯ ତମ ଜୟନ୍ତୀ ସାହିତ୍ୟ ସଂସଦ, ନିଉ ଫ୍ରେଣ୍ଡସ୍ କ୍ଲବ, ସମାଜକଲ୍ୟାଣ ବିକାଶ ପରିଷଦ ଏବଂ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ଆଜି ଗୁରୁବାର ପାଳିତ ହୋଇ ଯାଇଛି । କବି କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ବିପିନ ବିହାରୀ ବିଶ୍ୱାଳ, ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ପରିଡା, କମଳ ଚକ୍ରବର୍ତ୍ତୀ, ବସନ୍ତ ଦାସ, ନରୋତ୍ତମ ପ୍ରଧାନ, ଅଜିତ୍ ମହାନ୍ତି, ଯୋଗେନ୍ଦ୍ର ରାଉଳ, ଭାସ୍କର ମିଶ୍ର, ଡ. ଲଳିତ ରଂଜନ ସେନାପତି, ଅକ୍ଷୟ ମିଶ୍ର, ରାଜା ରାମକର ଶର୍ମା, ଦିଲ୍ଲୀପ ଗିରି, ସିତାଂଶୁ ସେନାପତି, ଚନ୍ଦନ କର, ରବିନ୍ଦ୍ର ବରିକ, ସୁଦାମ ପାତ୍ର, ଅରୁଣ ବେଜ, ଗଣେଶ ସିଂ, କେଦାର ସାମଲ, ଉତ୍ତମ ପ୍ରଧାନ, ରାଜେଶ ରାୟ, ଗୌତମ ପରିଡା, ଜଗନନାଥ ରଣା, ଜଗନ୍ନାଥ ଦଳେଇ, ରାଜକିଶୋର ବେହେରା, ପ୍ରଦୀପ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ଜିଲାପାଳ ଅଲେଖ ପଢିଆରୀ ଫୋନ୍‌ଯୋଗ ଅଭିଭାଷଣ ରଖିଥିଲେ । ପ୍ରଥମେ ସମସ୍ତେ ତାଙ୍କ ପ୍ରତୀମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା ।

# ଜିଲ୍ଲା ଟେନିସ୍ ବଲ କ୍ରିକେଟ ଆସୋସିଏସନ ଗଠନ ଓ କର୍ମକର୍ତ୍ତା ଚୟନ

କେନ୍ଦ୍ରାପଡ଼ା,୧୫।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଟେନିସ୍ ବଲ କ୍ରିକେଟ ଆସୋସିଏସନ ର କମିଟି ଗଠନ ସହ ନୂତନ କର୍ମକର୍ତା ଚୟନ କରାଯାଇଛି । ଆଗାମୀ ଦିନରେ ଏହି ଆସୋସିଏସନ ତରଫରୁ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ ଭାଗ ନେବାପାଇଁ କ୍ରୀଡାବିତ୍ ମାନଙ୍କ ଚୟନ ଓ ମନୋନୟନ କରାଯିବ ବୋଲି କର୍ମକର୍ତା ମାନେ ସୂଚନା ଦେଇଥିଲେ । ସମାଜସେବୀ ଭଗବାନ ବିଶ୍ୱାଳ ଟେନିସ୍ ବଲ କ୍ରିକେଟ ଆସୋସିଏସନ ର ଜିଲ୍ଲା ସଭାପତି ଭାବେ ମନୋନିତ ହୋଇଥିବା ବେଳେ କାର୍ଯ୍ୟକଲାରୀ ସଭାପତି ଦେବାଶିଷ ପ୍ରସାଦ ସିଂହ, ଉପ ସଭାପତି ସତ୍ୟ ପ୍ରକାଶ ତ୍ରିପାଠୀ ଓ ଜିମି ମିଶ୍ର, ସାଧାରଣ ସଂପାଦକ ଜ୍ୟୋର୍ତିମୟ ଦାସ, ଯୁଗ୍ମ ସଂପାଦକ ଜ୍ୟୋର୍ତିମୟ ଶତପଥୀ, ଉମାଶଙ୍କର ରାଉତ, ସସ୍ମିତା ପଣ୍ଡା ମନୋନିତ ହୋଇଛନ୍ତି । ସେହିଭଳି ରଞ୍ଜନ କୁମାର ସାହୁ କୋଷାଧ୍ୟକ୍ଷ, ଡ଼ଃ ହିମାଂଶୁ ଶେଖର ମହାନ୍ତି, ଛବି ପ୍ରସାଦ ମହାକୁ. ନିରଞ୍ଜନ ପତ୍ରୀ ବୈଷୟିକ ସଭ୍ୟ ଭାବେ ଓ ବରଦାକାନ୍ତ ବରାଳ ଓ ନିରଞ୍ଜନ ମହାରଣା କାର୍ଯ୍ୟାଳୟ ସହାୟକ ଭାବେ ମନୋନିତ ହୋଇଥିଲେ । ଆଗାମୀ ୧୭ ତାରିଖରେ ଗିରିସ ପଡିଆ ଠାରେ ସିନିୟର ବାଳକ ଓ ବାଳକ ମାନଙ୍କ ଜିଲ୍ଲା ସ୍ତରୀୟ ଖେଳାଳୀ ଚୟନ କରାଯିବ ।

# ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀଙ୍କ ପକ୍ଷରୁ ଜାତୀୟ ରାଜପଥ ଅବରୋଧ

ଢ଼େଙ୍କାନାଳ,୧୫।୧ (ନି.ପ୍ର): ହାତୀ ଉପଦ୍ରବରେ ଅତିଷ୍ଠ ଗ୍ରାମବାସୀ ଆଜି ୫୫ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଢ଼େଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବାଙ୍ଗୁରସିଙ୍ଗି ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଛି । ଗତ କିଛି ଦିନ ହେଲା ସ୍ଥାନୀୟ ଅଂଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇଛି । ହାତୀ ପଲ ବ୍ୟାପକ ଫସଲ ଖାଇବା ସହ ଦଳିଚକଟି ଅନେକ ଫସଲ ନଷ୍ଟ କରୁଛନ୍ତି । ହାତୀପଲ ଧାନ, ମୁଗ, ବିରି ଖାଇବା ଆଶାରେ ଘର ଭଙ୍ଗାରୁଜା କରୁଛନ୍ତି । ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ସହ ହାତୀ ଘଉଡାଇବା ଦିଗରେ ସଠିକ୍ ପଦକ୍ଷେପ ଗ୍ରହଣ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି ।

## ଡାକ୍ତରଖାନାର ମୁଖ୍ୟରାସ୍ତାରେ ଗଦା ହୋଇଛି ମାଟି

କେନ୍ଦ୍ରାପଡ଼ା,୧୫।୧ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ଖଡିଅଙ୍ଗ ଛକ ଠାରୁ ଚିକିତ୍ସାଳୟ ଛକ ପର୍ଯ୍ୟନ୍ତ ଦୁଇ ଯାଗାରେ ରାସ୍ତା ଉପରେ ଗଦା ହୋଇ ରହିଛି ମାଟି । ଏହାଦ୍ୱାରା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । ଅଣଓସାରିଆ ରାସ୍ତା ସାଙ୍ଗକୁ ଦୁଇପଟ ଜବରଦଖଲ ଥିବାବେଳେ ତା ଉପରେ ରାସ୍ତାରେ ମାଟି ବର୍ଷବର୍ଷ ଧରି ଗଦା ହୋଇ ରହିଥିବାରୁ ଜରୁରୀ କାଳୀନ ଯାନବାହନ ଯାତାୟତରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଦୁଇଚକିଆ ଗାଡି ଗୁଡିକ ଯାତାୟତ ବେଳେ ଏହି ମାଟି ସାଇଡରେ ଚଢି ଯିବାରୁ ଭାରସ୍ୟାମ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି । ପୌରସଂସ୍ଥା ପ୍ରଶାସନିକ ଅଧିକାରୀ ତଥା ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ଦିନକୁ ଦୁଇଥର ଏହିବାଟେ ଯାତାୟତ କରୁଥିଲେ ମଧ ଗଦା ହୋଇଥିବା ମାଟିକୁ ହଟାଇବା ବ୍ୟବସ୍ଥା କରୁନଥିବାରୁ ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ମକର ମେଳାରେ ଜମୁଛି କୁକୁଡ଼ା ଲଢ଼େଇ

## ଆଦିବାସୀଙ୍କ ନାଚ ଗୀତରେ କମ୍ପୁଛି ନୀଳଗିରି



ନୀଳଗିରି ,୧୫।୧ (ନି.ପ୍ର): ନୀଳଗିରି ଉପଖଣ୍ଡ ଏକ ଆଦିବାସୀ ବହୁଳ ଅଂଚଳ ଭାବେ ବେଶ୍ ପରିଚିତ । ଏଠାକାର ଆଦିବାସୀ ପରମ୍ପରା ମହା ଆଡ଼ମ୍ବରରେ ଆଦିବାସୀମାନେ ମକର ପର୍ବକୁ ୭ଦିନ ଧରି ପାଳନ କରିଥାନ୍ତି । ନୀଳଗିରି ଉପଖଣ୍ଡର ବିଭିନ୍ନ ଦେବାଦେବୀ ପୀଠରେ ଆଡ଼ମ୍ବର ପୂର୍ଣ୍ଣ ଭାବେ ପୂଜାଅର୍ଚ୍ଚନା କରିବା ସହିତ ଗାଁକୁ ସୁରକ୍ଷିତ ପାଇଁ ପୂଜର୍ଚ୍ଚନା କରିଛନ୍ତି । ତତ ସହିତ ଗାଁ ଗାଁରେ ମାଦଳର ତାଳେ ତାଳେ ଆଦିବାସୀ ସଂପ୍ରଦାୟର ମହିଳା, ଯୁବତୀ, ଯୁବକ ବୃଦ୍ଧ ବୃଦ୍ଧାମାନେ ଧନୀ ଗରିବ ଭେଦଭାବ ଭୁଲି ନୂଆ ଲୁଗା ପିନ୍ଧି ନାଚଗୀତ କରିଥାନ୍ତି । ମକର ସଂକ୍ରାନ୍ତିକୁ ଦୂର ଦୂରାନ୍ତରେ ଥିବା ବନ୍ଧୁ ପରିଜନ, ପରିବାର ସଂପର୍କୀୟମାନେ ମକର ସଂକ୍ରାନ୍ତିକୁ ଆସି ମଉଜ ମଜଲିସ ମନେଇଥାନ୍ତି । ଏହି ଅବସରରେ ନରଶପୁର ପଂଚାୟତର ବିଜିରାସାହିରେ ମକର ସଂକ୍ରାନ୍ତି ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୀଳଗିରିର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଯୋଗ ଦେଇ ମକର ସଂକ୍ରାନ୍ତି ଓଡ଼ିଆ ପରିବାର ଓ ଆଦିବାସୀ ସଂପ୍ରଦାୟର ଲୋକମାନେ ମକର ସଂକ୍ରାନ୍ତିକୁ ବଡ଼ ପର୍ବ ଭାବେ ପାଳନ କରିଥାନ୍ତି ବୋଲି ଶ୍ରୀ ଖଟୁଆ ପ୍ରକାଶ କରିଥିଲେ । ସକାଳେ ଆଦିବାସୀ ପୁରୁଷମାନଙ୍କ ମଧ୍ୟରେ ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମହିଳାମାନେ ଆଦିବାସୀମାନଙ୍କର ପରମ୍ପାରିକ ବାଦ୍ୟନୃତ୍ୟରେ ମସଗୁଲ ହୋଇଥିଲେ । ବିଜିରାସାହି ଗ୍ରାମ କମିଟିର ମୁଖ୍ୟ ଦୁଲା ମାଝି, ସାଲଖାନ ମାଝି, ବୁଧିରୋମ ସୋରେନ, ଅଞ୍ଜନ ସୋରେନ, ଦାମଦର ସୋରେନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସେହିପରି ପୋଡ଼ାଶୁଳ ଗ୍ରାମରେ ମକରସଂକ୍ରାନ୍ତି ଅବସରରେ ବାବା କପିଳେଶ୍ୱର କମିଟି ପକ୍ଷରୁ କପିଳମୁନୀ ମେଳା ଆନନ୍ଦ ଉଲ୍ଲାସରେ ପାଳନ କରାଯାଉଥିବା ସଭାପତି କରୁଣାକର ପାତ୍ର, ସଂପାଦକ ଧିରେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ସେହିପରି ନୀଳଗିରିର ବିଭିନ୍ନ ଅଂଚଳ ଯଥା ଢ଼ୋଲପୁରର ନାଟମନ୍ଦିର, ନୀଳଗିରି ଏନ.ଏ.ସି.ର ପଶ୍ଚିମା ଠାକୁରାଣୀ, ସଜନାଗଡ଼, ଆମ୍ବଡିହା ଠାରେ ଧୁମ୍‌ଧାମରେ ମକର ମେଳା ପାଳନ ହେଉଥିବା ବେଳେ ପୀଠ ମାନଙ୍କରେ ଭଜନ, କୀର୍ତନ, ପ୍ରସାଦସେବନ ଆୟୋଜିତ ହୋଇଛି ।

## ଡିୟୁଟି କରିଥିବା କୋଭିଡ ଯୋଦ୍ଧାଙ୍କୁ ମିଳୁନି ଦରମା

କେନ୍ଦ୍ରାପଡ଼ା,୧୫।୧ (ନି.ପ୍ର): କୋଭିଡ ମହାମାରୀ ସମୟରେ ଛତା କୋଭିଡ ସେଣ୍ଟରରେ ହେଲ୍ପ ଡେକ୍ସରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଦରମା ମିଳୁ ନଥିବା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଏହି କର୍ମଚାରୀ ମାନେ ଗତ ୯ମାସ ହେବ ୬୫୦୦ ଟଙ୍କା ଦରମାରେ କାର୍ଯ୍ୟ କରି ଆସୁଥିଲେ । ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀଙ୍କୁ ଗତ ୪ମାସ ହେଲା ଦରମା ମିଳୁ ନଥିବାରୁ ଏହି କର୍ମଚାରୀ ମାନେ ନିଜ ପରିବାର ଚଳାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏମାନଙ୍କ ଦରମା ପୈଠ କରିବା ପାଇଁ ରତୀକାନ୍ତ ରାଉତ, ନିର୍ମଳ ଚନ୍ଦ୍ର ବାରିକ, ଅବିନାଶ ବାରିକ ପ୍ରମୁଖ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

## କୃଷି ବିଭାଗର କ୍ଷେତ୍ର ଦିବସ କାର୍ଯ୍ୟକ୍ରମ

କନ୍ଧମାଳ,୧୫।୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ଜାତୀୟ ଖାଦ୍ୟ ନିରାପତା ମିଶନ ଅନ୍ତର୍ଗତଧାଡିରୁଆ ଧାନ ପ୍ରଦର୍ଶନ ଓ କ୍ଷେତ୍ର ଦିବଶ ନେଡିପଦର ଠାରେ ଅନୁଷ୍ଠିତ ହୋଇ ଯାଇଛି । ୨୦୨୦ ମସିହାରେ ଶସିପଦର ଓ ନେଡିପଦରର ଚାଷି ମାନଙ୍କୁ ୨୫ ଏକର ଜମିରେ ଧାନ, ଧନିଆଁ, ଶୋରିଶ ବିହନ ଯୋଗାଇ ଦେବା ସହ ପୋକମରା,ଘାସମରା,ବୋରନ ଓ ସାର ମଧ୍ୟ ଯୋଗାଇ ଦିଆଯାଇଥିବା ବେଳେ ଉନ୍ନତ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଚାଷୀ ମାନଙ୍କୁ ବିଭାଗ ତରଫରୁ ପ୍ରଶଂଶା କରାଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ସବ୍ୟସାଚି ଦାସ ୱାର୍ଡ଼ ସଭ୍ୟ ଭୋଦେବ ମହଁର , ମାଧବ କହଁର , ଫିରିଙ୍ଗିଆ କୃଷି ଓଭରସିଆର ଧିରେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ଅଯୋଧାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ନିଧିସଂଗ୍ରହ ଅଭିଯାନ



ଧାମନଗର,୧୫।୧ (ନି.ପ୍ର): ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି, ଓଡ଼ିଶା ଶାଖା ଆନୁକୂଲ୍ୟରେ ଅଯୋଧା ଠାରେ ନିର୍ମାଣାଧିନ ପ୍ରଭୁ ଶ୍ରୀରାମଚନ୍ଦ୍ର ଙ୍କ ମନ୍ଦିର ନିର୍ମାଣ ନିମନ୍ତେ ନିଧିସଂଗ୍ରହ ଅଭିଯାନ ଧାମନଗର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ଧାମନଗର ଶ୍ରୀରାମ ମନ୍ଦିର ଠାରୁ ବାହାରି ଦକ୍ଷିଣବାଡ଼ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏହି ପଦଯାତ୍ରାରେ ନାମସଂକିର୍ତ୍ତନ ଓ ଭଜନ କିର୍ତ୍ତନ କରାଯାଇଥିବାବେଳେ ବହୁ ସାଧୁସନ୍ଥ ଓ ଜନସାଧାରଣ ଯୋଗଦେଇଥିଲେ । ଏଥିରେ ବିଶ୍ୱହିନ୍ଦୁ ପରିଷଦ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଆନନ୍ଦଜୀ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ପ୍ରାନ୍ତ ଗ୍ରାମବିକାଶ ପ୍ରମୁଖ ଅବିନାଶ ଆଗ୍ରର୍ଯ୍ୟ, ଭଦ୍ରକ ଜିଲ୍ଲା ସଂଘ ପ୍ରଚ୍ରରକ ରଶ୍ମିରଂଚନ ମହାକୁଡ଼, ବଜରଂଗଦଳ ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ନିଧିସଂଗ୍ରହ ଅଭିଯାନ ସହ ପ୍ରମୁଖ ବିପିନ ବିହାରୀ ପଣ୍ଡା, ବିଜୟ କୁମାର ରାମ, ଖଣ୍ଡ ଅଭିଯାନ ପ୍ରମୁଖ ଗଙ୍ଗାଧର ରାଉତ, ବିଭାଗ ପ୍ରଚ୍ରରକ ବିକାଶ ସାହୁ, ବଜରଙ୍ଗ ଦଳ ସଂଯୋଜକ ସଂଜୟ କୁମାର ସ୍ୱାଇଁ, ସଭ୍ୟ ଶକ୍ତିଦତ୍ତ ଦାଶ, ଅଜିତ କୁମାର ବିଶ୍ୱାଳ, ପଙ୍କଜ କୁମାର ଦାସ, ଜିଲ୍ଲାପରିଷଦ ସଭ୍ୟ ମନୋଜ କୁମାର ମଲ୍ଲିକ, ରଂଜିତା ସ୍ୱାଇଁ, ସୁରଥଚନ୍ଦ୍ର ସେଠୀ, ବିଜେପିନେତା କୈଳାଶଚନ୍ଦ୍ର ମହାପାତ୍ର, ଅରବିନ୍ଦ ପତି, ଦିପ୍ତିରଂଜନ ଜେନା, ବୁଦ୍ଧଦେବ ଜେନା, ବିରେନ୍ଦ୍ର କୁମାର ଜେନା, ଲକ୍ଷ୍ମୀଧର ବେହେରା ପ୍ରମୁଖ ବହୁ ଛାମୁଆ ଯୁବକର୍ମୀ ମାନେ ଯୋଗଦେଇଥିଲେ ।

# ଭଦ୍ରକ ବିଜେପି ଯୁବମୋର୍ଚ୍ଚାର ବିଶାଳ ରୋଡ଼୍ ଶୋ



ଭଦ୍ରକ,୧୫।୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଭଦ୍ରକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ 'ସଂକ୍ରାନ୍ତି ମିଳନ' ନାମରେ ଏକ ବନ୍ଧୁ ମିଳନ କାର୍ଯ୍ରକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଯୁବମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ରୋଡ୍ ଶୋର ଆୟୋଜିତ ହୋଇଥିବା ବେଳେ ଏହା ମାଧ୍ୟମରେ ଯୁବମୋର୍ଚ୍ଚା ତା'ର ଶକ୍ତି ପ୍ରଦର୍ଶନ କରିଛି । ଆଜି ପୂର୍ବାହ୍ନ ୧୦ଟା ସମୟରେ ନେହେରୁ ଷ୍ଟାଡିୟମଠାରେ ବହୁ ସଂଖ୍ୟାରେ ଯୁବ ବିଜେପିର ସଦସ୍ୟମାନେ ଏକତ୍ରିତ ହୋଇ ସେଠାରୁ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଗାନ୍ଧୀ ପଡ଼ିଆଠାରେ ପହଞ୍ଚିଥିଲେ । ଏହି ଶୋଭାଯାତ୍ରା ମାଧ୍ୟମରେ ଯୁବ ବିଜେପି ତା'ର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ଯୁବଶକ୍ତିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିରବତା ବିରୋଧରେ ସ୍ୱରୋତ୍ତଳନ କରାଯାଇଥିଲା । ଯୁବ ବିଜେପି ଜିଲ୍ଲା ସଭାପତି ସୁରେଶ ସାମଲ, ଜିଲ୍ଲା ଯୁବ ବିଜେପି ପ୍ରଭାରୀ ପ୍ରବୀର ଶଙ୍କର ଦାସ, ଯୁବନେତା ସୂର୍ଯ୍ୟବଂଶୀ ସୂରଜ, ଦେବାଂଶୁ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରା ପରେ ଗାନ୍ଧୀ ପଡ଼ିଆରେ ବନ୍ଧୁମିଳନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ ନେତୃତ୍ୱ ସ୍ୱରୂପାନନ୍ଦ ମହାପାତ୍ର, ସରୋଜ ରାଉତ, ସୁଧୀର ଦ୍ୱିବେଦୀ, ବିକାଶ ବଳ, ଅବିନାଶ ଦାସ, ଚକ୍ରଧର ସେଠୀ, କାଲୁ ପଟ୍ଟନାୟକ, ତାଉ ପଟ୍ଟନାୟକ, କହ୍ନେଇ ଦାସ, ଲିପୁନ ରାଉଳ, ମିଳନ ବଳ, ନିଲୁ ବେହେରା, ଡି.କେ. ମିଶ୍ର, ସତ୍ୟବ୍ରତ ଦାସ, ଚନ୍ଦ୍ରମୋହନ ମହାପାତ୍ର, ସତ୍ୟପଦ ଦାସ, କାହ୍ନା ଖୁଣ୍ଟିଆ, ତପନ ପାତ୍ର, ରାକେଶ ନାୟକ, ଦୀପକ ସାହୁ, ଦିଲୁ ମହାନ୍ତି, କାହ୍ନୁ ସାହୁ, ପପୁ ସାହୁ, ଚନ୍ଦନ ରାଉତ ପ୍ରମୁଖ ଯୋଗ ଦେଇ ଯୁବ ବିଜେପି ପ୍ରତିବର୍ଷ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ପାଳନ କରି ଆସୁଥିବା ବେଳେ ଚଳିତ ବର୍ଷର କୋଭିଡ଼ କଟକଣା ପରେ ଏହି ବିଶାଳ ଶୋଭାଯାତ୍ରା ମାଧ୍ୟମରେ ବିରୋଧୀ ଦଳଙ୍କ ହୃତକମ୍ପନ ସୃଷ୍ଟି କରିଛି ବୋଲି ମତ ପ୍ରକଟ କରିଥିଲେ ।

# ଆଦର୍ଶ ମା'ର ପ୍ରକୃତ ସଂଜ୍ଞା



କେବଳ ଭାରତୀୟ ଲୋକଙ୍କ ଚିନ୍ତାଧାରା ନୁହେଁ, ବରଂ ପ୍ରମୁଖ ଅଗ୍ରଣୀ ରାଷ୍ଟ୍ରର ଉଚ୍ଚଶିକ୍ଷିତ ଲୋକଙ୍କ ମତ ମଧ୍ୟ ଏ ବାବଦରେ ସମାନ ଯେ ମା' ହିଁ ପିଲାଙ୍କ ଦାୟିତ୍ୱ ନେବା ସହ ଲାଳନପାଳନ କରିବ । ବାପାମାନେ ପ୍ରକୃତରେ ଏତେଟା ଦାୟିତ୍ୱବାନ ନୁହନ୍ତି, ୨୭% ରୁ ଅଧିକ ଲୋକ ଏକ ଯୁକ୍ତି ବାଢ଼ିଛନ୍ତି । ଏକବିଂଶ ଶତାବ୍ଦୀର ଚିତ୍ରପଟ ବଦଳିଛି, ଏବର ସମୟରେ ଉଭୟ ବାପା-ମା'ଙ୍କ ଭୂମିକା ପରିବର୍ତ୍ତନ ହୋଇଛି । ଅନେକ ବର୍ଗର ଲୋକ ଏହାକୁ ସହଜରେ ଗ୍ରହଣ କରୁନାହାନ୍ତି । ସତ, କିନ୍ତୁ ଯୁବବର୍ଗ ନିଜ ଦାୟିତ୍ୱରୁ ଓହରୁ ନାହାନ୍ତି ।

୨୦୧୦ ଘଟଣା । ଏକ ନାମୀ ମିଡିଆ କମ୍ପାନୀରେ ସାମ୍ବାଦିକ ଭାବେ କାର୍ଯ୍ୟରତା ୩୨ ବର୍ଷୀୟା ସୁନିତା ଜୈସ୍ୱାଲ । ବାପା-ମା'ଙ୍କର ଗେହ୍ଲୀ ଅଲିଅଳି ଝିଅ ପାଇଁ ସବୁଠୁ ମୁଖ୍ୟ ଥିଲା ତା କାର୍ଯ୍ୟାଳୟର କାମ । ଝିଅକୁ ଯେତେବେଳେ ୩୨ ପୂରିଲା, ପରିବାର ଲୋକେ ବ୍ୟତିବ୍ୟସ୍ତ ହେଲେ ହାତକୁ ଦି' ହାତ କରିବା ନିମନ୍ତେ ବିବାହ ନିମନ୍ତେ ଆଉ ବିଳମ୍ବ, କରିବା ଉଚିତ ନୁହେଁ ବୋଲି ସୁନିତାଙ୍କ ମା' ବ୍ୟତିବ୍ୟସ୍ତ ହେଲେ । ଶେଷରେ ଗୁରୁଜନଙ୍କ କଥା ମାନିଲେ ଓ ଦିଲ୍ଲୀରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ସହ ବିବାହ ପ୍ରସ୍ତାବ ଆଗେଇଲା । ଦୁହେଁ ପରସ୍ପରକୁ ଭେଟିବା ପରେ ବିବାହ କରିବାକୁ ସ୍ଥିର କଲେ । ମାତ୍ର ୨୦ଦିନ ଭିତରେ ବିବାହ ସମ୍ପନ୍ନ ହେଲା । ସୁନିତାଙ୍କ ଶାଶୁ ଚାହୁଁଥିଲେ ବୋହୂ ଏଥର ଚାକିରି ଛାଡ଼ି ଘରସଂସାରରେ ମନ ଦେଉ । ଏ ନିଷ୍ପତ୍ତିରେ କିନ୍ତୁ ଶ୍ୱଶୁର, ସ୍ୱାମୀ, ନଣନ୍ଦ କେହି ମଧ୍ୟ ଏକମତ ହୋଇନଥିଲେ । ସମସ୍ତେ ନୂଆ ବୋହୂକୁ ସ୍ୱାଧୀନତା ଦେଲେ ଯେ ସେ ନିଜ ଇଚ୍ଛାରେ ହିଁ ଯାହା କିଛି ବି ସ୍ଥିର କରିବ । ସୁନିତା ମଧ୍ୟ କର୍ମଜୀବୀ ବୋହୂ ହେବାକୁ ପସନ୍ଦ କଲେ । ବିବାହର ୪ବର୍ଷ ପରେ ସୁନିତାଙ୍କ ପ୍ରଥମ କନ୍ୟା ସନ୍ତାନ ଭୂମିଷ୍ଠ ହେଲା । ଘରେ ଖୁସିର ଲହରୀ ଖେଳିଗଲା । ମା ହେବା ପରେ ମଧ୍ୟ ସୁନିତା ସେହିପରି ଚାକିରି କରିଥାନ୍ତି । ବଡ଼ ଝିଅ ହେବାର ଅଢ଼େଇ ବର୍ଷ ପରେ ସୁନିତାଙ୍କ ଦ୍ୱିତୀୟ କନ୍ୟାର ଜନ୍ମ ହେଲା । ଠିକ୍ ସେହି ସମୟରେ ତାଙ୍କ ସ୍ୱାମୀଙ୍କର ଡେରାଡୁନ ବଦଳିହେଲା । ବାଧ ହୋଇ ସୁନିତା ଚାକିରି ଛାଡ଼ିଲେ ଓ ସ୍ୱାମୀ, ପିଲାଙ୍କୁ ନେଇ ଡେରାଡଠୁନ ସ୍ଥାନାନ୍ତର ହେଲେ । ମାତ୍ର ୨ସପ୍ତାହ ପରେ ସୁନିତା ଅବସାଦ ରୋଗରେ ଆକ୍ରାନ୍ତ ହେଲେ ଡାକ୍ତର ସ୍ୱାମୀ ଠିକ୍ ଠଉରାଇ ପାରିଲେ, କିନ୍ତୁ ସୁନିତା ମାନିବାକୁ ଆଦୌ ପ୍ରସ୍ତୁତ ନଥିଲେ। ସେ ଖୁବ୍ ଖୁସିରେ ଅଛନ୍ତି ବୋଲି ବାରମ୍ବାର ମିଛ ଅଭିନୟ କରୁଥାନ୍ତି । ଏ ଭିତରେ ଶାଶୂ-ଶ୍ୱଶୁର ଡେରାଡୁନ ବୁଲି ଆସିଲେ । ସେମାନେ ମଧ୍ୟ ବୋହୂର ମାନସିକ ସ୍ଥିତି ଠଉରାଇପାରିଲେ । ଆଉ ଆଗପଛ କିଛି ନବିଚାର କରି ସୁନିତାଙ୍କ ଶ୍ୱଶୁର ପରାମର୍ଶ ଦେଲେ ଯଥା ଶୀଘ୍ର ଦିଲ୍ଲୀ ଯାଇ ଚାକିରି କରିବା ନିମନ୍ତେ । କାରଣ ଡେରାଡୁନରେ ସୁନିତାଙ୍କୁ କୌଣସି ସୁଯୋଗ ମିଳୁନଥିଲା । ଶ୍ୱଶୁରଙ୍କ ଏଭଳି ନିଷ୍ପତ୍ତିକୁ ଘରର ଅନ୍ୟ ସଦସ୍ୟମାନେ ସମର୍ଥନ କରିଥିଲେ, କିନ୍ତୁ ଶାଶୂ ବିରକ୍ତି ପ୍ରକାଶ କରିଥିଲେ । ସ୍ୱାମୀ, ଶ୍ୱଶୁରଙ୍କ ବାଧ୍ୟବାଧକତାରେ ତୁରନ୍ତ ସୁନିତା ଦିଲ୍ଲୀ ଆସି ପୁଣି କର୍ମକ୍ଷେତ୍ରରେ ଯୋଗ ଦେଇଛନ୍ତି । ଏବେ ଏକ ବିଜ୍ଞାପନ କମ୍ପାନୀର ଉଚ୍ଚ ପଦରେ କାର୍ଯ୍ୟରତ ସୁନିତା ଏକ ସାକ୍ଷାତକାରରେ କହିଛନ୍ତି, ଆଜିର ସମୟରେ ଲୋକଙ୍କ ଜୀବନଶୈଳୀ ଓ ଚିନ୍ତାଧାରା ଉଭୟ ବଦଳିଛି । ସେ ଜୋର ଦେଇ କହିପାରିବେ ସେ ମଧ୍ୟ ଜଣେ ଆଦର୍ଶ ମା । ସ୍ୱାମୀ ଓ ପିଲାଙ୍କଠାରୁ ଦୂରରେ ଅଛନ୍ତି ସତ, କିନ୍ତୁ ନିଜ ଦାୟିତ୍ୱକୁ ନେଇ ସେ ଖୁବ୍ ସଚେତନ । ଶ୍ୱଶୁର ଓ ସ୍ୱାମୀଙ୍କ ଚିନ୍ତାଧାରାକୁ ସୁନିତା ଖୁବ୍ ପ୍ରଶଂସା କରିବା ସହ ଅନ୍ୟ କର୍ମଜୀବୀ ମହିଳାଙ୍କୁ ମଧ୍ୟ ନିଜ ଉଦାହରଣ ଦେଇ ଉତ୍ସାହିତ କରିଛନ୍ତି ।

## ବ୍ୟାୟାମ କଲେ ସୁଖୀ ହୁଅନ୍ତି

ୟେଲ ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟଳୟର ଗବେଷକମାନେ ୧୨ଲକ୍ଷ ଲୋକଙ୍କୁ ନେଇ କରିଥିବା ଗବେଷଣା ରିପୋର୍ଟରେ ଜଣାଇଛନ୍ତି ଯେ ପ୍ରତିଦିନ ବ୍ୟାୟାମ କରୁଥିବା ଲୋକଙ୍କୁ ମାନସିକ ସ୍ତରରେ ଯେଉଁ ଖୁସି ମିଳିଥାଏ, ତାହା ବାର୍ଷିକ ୧୭ଲକ୍ଷ ଟଙ୍କା ରୋଜଗାର କରୁଥିବା ଲୋକଙ୍କ ଖୁସି ସହ ସମାନ । ଏହି ଗବେଷଣାରେ ସାମିଲ ହୋଇଥିବା ଲୋକଙ୍କୁ ୭୫ ପ୍ରକାର ଶାରୀରିକ କାର୍ଯ୍ୟକଳାପ ମଧ୍ୟରୁ ନିଜ ପସନ୍ଦର କାମ ବାଛିବା ଲାଗି କୁହାଯାଇଥିଲା । ଏଥିମଧ୍ୟରେ ଇନ ବା ବଗିଚା ସଫେଇଠାରୁ, ପିଲାଙ୍କ ଯତ୍ନ ନେବା, ସାଇକଲ ଚଳାଇବା ଭରୋତ୍ତୋଳନ କରିବା, ଦୌଡ଼ିବା ଆଦି ସାମିଲ ଥିଲା । ନପିୟମିତ ବ୍ୟାରୟାମ କରୁଥିବା ବ୍ୟକ୍ତିମାନେ ବର୍ଷକ ମଧ୍ୟରେ ମାତ୍ର ୩୫ଦିନ କ୍ଳାନ୍ତ ଅନୁଭବ କରୁଥିବାବେଳେ ବ୍ୟାୟାମ କରୁନଥିବା ଲୋକେ ୫୮ ଦିନ କ୍ଳାନ୍ତ ଅନୁଭବ କରିଥିବା ଏହି ଗବେଷଣାରୁ ଜଣାଯାଇଥିଲା । ତେବେ ମାତ୍ରାଧିକ ବ୍ୟାୟାମ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ । କାରଣ ସୀମିତ ସମୟାର ଶାରୀରିକ ବ୍ୟାୟାମ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖେ ବୋଲି ୟେଲ୍ ବିଶ୍ୱବିଦ୍ୟାଳୟର ଗବେଷକ ଆଡାମ୍ ଚେକରାଉଣ୍ଡ କହିଛନ୍ତି । ସପ୍ତାହକୁ ୩୦ରୁ ୬୦ମିନିଟ୍ ପର୍ଯ୍ୟନ୍ତ ୩ରୁ୫ଟି ଟ୍ରେନିଂ ସେସନ ସର୍ବୋତ୍ତମ । ତିନିଘଣ୍ଟାରୁ ଅଧିକ ସମୟ ବ୍ୟାୟାମ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ଥିତି ପ୍ରାୟତଃ ଭଲ ରହେନାହିଁ । ଏରୋବିକସ, ସାଇକଲ ଚାଳନା, ଜିମରେ ବ୍ୟାୟାମ ଆଦି ମଣିଷର ମନ ଖୁସି ରଖିଥାଏ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି ।



## ସ୍ୱାସ୍ଥ୍ୟ ସମାଚାର

କ୍ୟାଲୋରୀ କମାଇବା ଲାଗି ଅନେକେ ଡାଏଟ୍ ଡ୍ରିଙ୍କ ବା ଡାଏଟ୍ ସୋଡା ପସନ୍ଦ କରୁଥିଲେ ମଧ୍ୟ ଏହା ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ । ମହିଳାଙ୍କଠାରେ ଏହା ଷ୍ଟ୍ରୋକ୍ ଆଶଙ୍କା ୨୩% ବଢ଼ାଇଥାଏ । ଏଥିସହିତ ହୃଦରୋଗ ଆଶଙ୍କା ୨୯% ଏବଂ ଅକାଳ ମୃତ୍ୟୁ ଆଶଙ୍କା ୧୬% ବଢ଼ାଏ ବୋଲି ଏକ ଗବେଷଣାରୁ ଜଣାଯାଇଛି । ଏହା ଆମେରିକାନ ହାର୍ଟ ଆସୋସିଏସନର ପତ୍ରିକା ଷ୍ଟ୍ରୋକରେ ପ୍ରକାଶ ପାଇଛି । ଫ୍ଲୁ ବା ଇନ ଫ୍ଲୁଏଞ୍ଜାରେ ଆକ୍ରାନ୍ତ ହେବା ପରେ ଏହା ମଧ୍ୟ ଷ୍ଟ୍ରୋକ୍ ଆଶଙ୍କା ବଢ଼ାଏ । ଏହାର ପ୍ରକୃତ କାରଣ ଜଣାପଡ଼ିନଥିଲେ ମଧ୍ୟ ଫ୍ଲୁ ସଂକ୍ରମଣ ଯୋଗୁ ହେଉଥିବା ଇନଫ୍ଲମେସନ ଏହାର କାରଣ ହୋଇପାରେ ବୋଲି କୁହାଯାଇଛି । କଲମ୍ବିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ କରିଥିବା ଏହି ଗବେଷଣାର ତଥ୍ୟ ଆମେରିକାନ ଷ୍ଟ୍ରୋକ୍ ଆସୋସିଏସନ ପକ୍ଷରୁ ଆୟୋଜିତ ଇଣ୍ଟରନ୍ୟାସନାଲ ଷ୍ଟ୍ରୋକ କନଫରେନ୍ସ -୨୦୧୯ରେ ଉପସ୍ଥାପିତ ହେବ ।

## ଯୌତୁକ ବିରୋଧୀ ଗ୍ରାମବାସୀ



ରାଜସ୍ଥାନର ନାଗୁର ଜିଲାର ଏକ ଗ୍ରାମ ହେଉଛି ବାସନି ବେଲିମା । ପ୍ରାୟ ୫୫ଟି ପରିବାର ସେଠାରେ ରହୁଛନ୍ତି । ଗ୍ରାମର ସରପଞ୍ଚଙ୍କ କହିବା ଅନୁସାରେ, ୪୦ ବର୍ଷ ପୂର୍ବରୁ ସେଠାରେ କେତେକ ବିଶେଷ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ଯୌତୁକର ବିରୋଧ କରାଯିବା ସହ ଗ୍ରାମର ସମସ୍ତ ପରିବାର ବର୍ଣ୍ଣାଢ୍ୟ ବିବାହ ଉତ୍ସବ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେବଳ ବିବାହ କିମ୍ବା ସନ୍ତାନ ଜନ୍ମଲାଭରେ ହିଁ ସେଠାରେ ସାଧାରଣ ଭୋଜି ଅନୁଷ୍ଠିତ ହୁଏ । କୌଣସି ବ୍ୟକ୍ତିର ମୃତ୍ୟୁରେ ଭୋଜି ପରମ୍ପରାକୁ ସେଠାରେ ବନ୍ଦ କରାଯାଇଛି । ବିଧବା ସ୍ତ୍ରୀଲୋକଙ୍କୁ ତାଙ୍କ ପିଲା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ମାସିକ ଭତ୍ତା ଦିଆଯାଏ । ଏହି ଭତ୍ତା ସରକାରଙ୍କ ତରଫରୁ ନୁହେଁ ବରଂ ଗ୍ରାମବାସୀ ନିଜ ପାଣ୍ଠିରୁ ଯୋଗାଇଥାନ୍ତି । ଗ୍ରାମର ପ୍ରତ୍ୟେକ ଗରିବ ଲୋକଙ୍କ ପାଇଁ ୨ବଖରା ଘର ତିଆରି କରାଯାଇଛି । ସେଠାକାର ସମସ୍ତ ପରିବାର କୌଣସି ଦିନ ଉପବାସରେ କାଟିବ ନାହିଁ, ଏହା ମଧ୍ୟ ସେହି ଗ୍ରାମର ଅନ୍ୟତମ ନିୟମ । ବୟସ୍କଙ୍କ ସହ ଯୁବଗୋଷ୍ଠୀ ଓ ପିଲାମାନେ ମଧ୍ୟ ବେଶ୍ ସଚେତନ । ସେମାନେ ମଧ୍ୟ ଅର୍ଥ ସଞ୍ଚୟ କରି ବିଭିନ୍ନ ଉନ୍ନତିମୂଳକ କାମ କରୁଥିବାର ଜଣାପଡ଼ିଛି । ପଡ଼ୋଶୀ ଗ୍ରାମରୁ ବିବାହ ପ୍ରସ୍ତାବ ଆସିଲେ ବାସନି ଗ୍ରାମ ବାସୀମାନେ ବୋଉଉଭାବରେ ସତ୍କାର କରନ୍ତି । ହେଲେ ଯଦି ଭୁଲବାତଃ ପୁଅଘର ଲୋକେ ଯୌତୁକ ପ୍ରସଙ୍ଗ ଉଠାନ୍ତି, ତେବେ ତୁରନ୍ତ ତାଙ୍କୁ ସ୍ଥାନୀୟ ପୁଲିସ୍ ଥାନାକୁ ନିଆଯାଏ ।

## ରୁପିରୁ ରକ୍ଷା ପାଇବାର ସରଳ ଉପାୟ

ଶୀତଦିନେ କେଶର ବିଭିନ୍ନ ସମସ୍ୟା ଦେଖାଦିଏ । ଯେପରି ପାଗ ଅଧିକ ଖଣ୍ଡା କାରଣରୁ କେଶ ଝଡ଼ା ବଢ଼େ । ଏହା ସହ କେଶରେ ରୁପି ସମସ୍ୟା ଦେଖାଦିଏ । ଏଥିରୁ ରକ୍ଷା ପାଇବାକୁ ହେଲେ ଘରୋଇ ଉପଚାର କରିବା ଜରୁରୀ ।


ଦିନେ ଛଡ଼ା ଦିନେ ଭଲ କମ୍ପାନୀର ଶ୍ୟାମ୍ପୁରେ କେଶ ସଫା କରନ୍ତୁ । ନିଜ ମୁଣ୍ଡ ପୋଛା ଟାୱେଲ, ତକିଆ ଅଲଗା ବ୍ୟବହାର କରିବା ଆବଶ୍ୟକ । ଏସବୁ ବାଦ ପ୍ରତି ୨ଦିନରେ ଥରେ କେଶ ମୂଳରେ ନଖଉଷୁମ ଶୁଦ୍ଧ ନଡ଼ିଆତେଲ ମାଲିସ କରିବା ଜରୁରୀ । ପାର୍ଲରରେ ମଧ୍ୟ 'ହଟ ହେୟାର ମସାଜ' ଓଜେନ ଟ୍ରିଟ୍‌ମେଣ୍ଟ କରାଇବା କେଶ ପାଇଁ ଉପକାରୀ । ଅଭିଜ୍ଞ ବିଶେଷଜ୍ଞଙ୍କ ନିକଟରେ ଏଇ ଉପଚାର କରାଇବା କେଶ ପାଇଁ ଲାଭଦାୟକ ହୋଇଥାଏ ।

ଶୀତରେ ଅଧିକାଂଶ ଯୁବତୀ ଓ ମହିଳା କେଶ ସଫା କରନ୍ତି ନାହିଁ । ଏହା ମଧ୍ୟ ରୁପି ହେବାର ଅନ୍ୟତମ ମୁଖ୍ୟ କାରଣ ଅଟେ । କେଶ ସଫା ନିମନ୍ତେ ଉଷୁମ ନଖଷୁମ ପାଣି ଆଦୌ ବ୍ୟବହାର କରନ୍ତୁ ନାହିଁ । କିଛି କ୍ଷଣ ପାଇଁ ଯଦିଓ ଏହା ଆରାମ ଦିଏ, କିନ୍ତୁ ଏହା କାରଣରୁ କେଶ ଦୁର୍ବଳ ହୋଇ ଝଡ଼େ ।

ଲେମ୍ବୁରସ ମାଲିସ କଲେ ମଧ୍ୟ ରୁପିରୁ ରକ୍ଷା ମିଳେ । ତେବେ ଏହାକୁ ସିଧାସଳଖ କେଶମୂଳରେ ନଲଗାଇ ବରଂ ସୋରିଷ ତେଲ ଅବା ଶୁଦ୍ଧ ନଡ଼ିଆ ତେଲରେ ଅଳ୍ପ ମିଶାଇ କେଶରେ ଲଗାଇ ପାରିବେ । ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଉଷୁମ, କିମ୍ବା ଗରମପାଣିରେ କେଶ ଧୋଇଲେ କେଶମୂଳ ତ୍ୱଚାର ତୈଳଗ୍ରନ୍ଥିରୁ ତେଲ ବାହାରେ ଓ ଏହା କାରଣରୁ ରୁପି ହୋଇଥାଏ । ଏଣୁ ଗରମ ପାଣିରେ ନଧୋଇ ବରଂ ଥଣ୍ଡା ପାଣିରେ କେଶକୁ ସପ୍ତାହରେ ୨-୩ଥର ଶ୍ୟାମ୍ପୁ କରି କଣ୍ଡିସନିଂ କରିବା ଉଚିତ ।









## କେବଳ ଫଳ ଖାଇବା କେତେଦୂର ଉପଯୋଗୀ ?

୭୭% ରୁ ଅଧିକ ଲୋକଙ୍କ ଧାରଣା ଯେ ଦୈନିକ ଫଳ ଖାଇଲେ ,କ ସୁସ୍ଥ ଜୀବନ ଅତିବାହିତ କରିହୁଏ । ଏଭଳି ଜୀବନଶୈଳୀକୁ ଅଧିକାଂଶ ଆପେରେଇନେଇଛନ୍ତି ମଧ୍ୟ । ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ସାମିଲ କରାଯାଇ ନିକଟରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଇଉରୋପର ,କ ଅଞ୍ଚଳର ଲୋକେ ସକାଳ, ଦ୍ୱିପହର, ସନ୍ଧ୍ୟା ଓ ରାତିରେ କେବଳ ଫଳାହାର କରନ୍ତି । ଏଠା ଲୋକଙ୍କ ପ୍ରମୁଖ ସମସ୍ୟା ଥିଲା ସେମାନେ ନିଜ କୋଲେଷ୍ଟରଲକୁ କମ କରିବାକୁ ଚାହୁଁଥିଲେ ।ବିନା ଔଧେ ସେବନରେ କେବଳ ଫଳାହାର ହିଁ ଏକମାତ୍ର ଉପାୟ ଥିଲା ନିୟମିତ ଭାବେ ୬ମାସ ସମସ୍ତ ଲୋକେ ଫଳ ସେବନ କରିବା ପରେ ସେମାନଙ୍କୁ ପ୍ରଚୁର ପରିମାଣରେ ଫାଇବର ମିଳିବା ସହ ୨୪୦୦ ୨୮୦୦ କ୍ୟାଲୋରୀ ମଧ୍ୟ କମ ହେଉଥିଲା ଇଉରୋପର ଏଇ ଛୋଟ ଗ୍ରାମରେ ଲାକସଂଖ୍ୟା ମାତ୍ର ୧୫୦ । ଫଳ ସେବନ କରିବା ପରେ ୨ଜଣ କର୍କଟରୋଗୀ ମଧ୍ୟ ଆରୋଗ୍ୟ ହୋଇଥିବାର ପ୍ରକାଶ । ଫଳ ସେବନ ଦ୍ୱାରା ଓଜନ କମ ହେବା ସହ ତ୍ୱଚାରେ ମଧ୍ୟ ଏକ ଚମକ ଆସିଥାଏ । ବିଶେଷଜ୍ଞଙ୍କ ମତରେ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ବିଶେଷ କରି ବୟସ ବଢ଼ିବା ପରେ ଅର୍ଥାତ୍ ୭୦ବର୍ଷ ଅତିକ୍ରମ କରିବା ପରେ ଡାକ୍ତରଙ୍କ ପରାମର୍ଶରେ କେଉଁ ଫଳ କେତେ ପରିମାଣରେ ଖାଇବେ ତାହା ବୁଝିନେବା ଉଚିତ ।





## ସୁସ୍ଥ ତଥା ଉତ୍ତମ ତ୍ୱଚା ନିମନ୍ତେ


ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ନିୟମିତ ଭାବେ ତ୍ୱଚାକୁ କ୍ଲିନଜରରେ ପୋଛନ୍ତୁ । ଘରୋଇ ଭାବେ ମଧ୍ୟ ଏହାର ଉପଚାର କରିହେବ । ଯେପରି କଞ୍ଚା ଖିର ଓ ଦହି ସହାୟତାରେ ମଧ୍ୟ ତ୍ୱଚାକୁ ପରିଷ୍କାର କରିହେବ ।

♦ ତ୍ୱଚାରେ ସକାଳ କିମ୍ବା ସନ୍ଧ୍ୟାରେ ଏକ ପ୍ୟାକ୍ ଲଗାଇବା ଉପକାରୀ । ପ୍ୟାକରେ ଅଲିଭ ତେଲ ନଚେତ ମହୁ ଅଳ୍ପ ପରିମାଣର ଉପଯୋଗ କରନ୍ତୁ । ଏହା ତ୍ୱଚାକୁ କୋମଳ କରିଥାଏ ।

♦ ଏସବୁ ବାଦ ଆବଶ୍ୟକ ପରିମାଣରେ ପାଣି ପିଇବା ତ୍ୱଚା ପାଇଁ ଏକ ଉତ୍ତମ ଖୋରାକ । ସପ୍ତାହକୁ ୩-୪ ଥର ଅନ୍ତତଃ ପଇଡ଼ ପାଣି ପିଇବାର ଅଭ୍ୟାସ କରନ୍ତୁ ।

♦ ବ୍ରଣ କିମ୍ବା ଦାଗର ପ୍ରଥମେ ଘରୋଇ ଉପଚାର କରନ୍ତୁ । ଏହା କାମ ନ କଲେ ପରେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଲଗାନ୍ତୁ ।

ବାହାରୁ ଆସିବାର କିଛି କ୍ଷଣ ପରେ ତ୍ୱଚାରେ ଥଣ୍ଡା ପାଣି ଛିଟା ମାରିବାର ଅଭ୍ୟାସ କରିବା ଉଚିତ । ଏହା ତ୍ୱଚାକୁ ସତେଜତା ପ୍ରଦାନ କରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବଢ଼ି ବଢ଼ି ଚାଲିଛି ନିର୍ଯାତନା..

ସାମାଜିକ ବ୍ୟବସ୍ଥାରେ ଯେତେ ବେଶୀ ବିକାଶ ହେଉଛି, ତାହାର ପୂରା ସଦୁପଯୋଗ ସୁଯୋଗ ତଥା ପରିସର ବୃଦ୍ଧି ପାଉଛି। ବିଜ୍ଞାନ ଓ କାରିଗରୀ ବିଦ୍ୟାର ଅଭିବୃଦ୍ଧି ଆଧୁନିକ ମଣିଷକୁ ଅଧିକ ମହତ୍ତ୍ୱାକାଂକ୍ଷୀ କରିଦେଇ ପାରିଛି। ଅଧିକ ଅୟସ-ବିଳାସ ପାଇଁ ଉନ୍ମୁଖତା ବେଳେବେଳେ ତାହାରି ଆଧାରରେ କିଭଳି ଅନ୍ଧ କରିଦେଉଛି, ତାହାର ରହିଛି ଭୂରି ଭୂରି ପ୍ରମାଣ। ଧନାହରଣର ଦୌଡ଼ରେ କିଏ କାହାକୁ ପଛରେ ପକାଇ ଦେଇପାରିବ; ସେଥିଲାଗି ଯେଭଳି ଅନ୍ଧ ଦୌଡ଼ ଚାଲିଛି, ତାହାର ନଗଦ ପ୍ରମାଣ ହିସାବରେ ଆମେ ଭାଇ-ବନ୍ଧୁ-କୁଟୁମ୍ବରେ ଦେଖିପାରିବା ହାଣକାଟ, ଗୃହଦାହ, ଜମି ଦଖଲ ଓ ମାଲି ମକଦ୍ଦମା। କଦବା କ୍ୱଚିତ୍ ପରିବାର ଥିବ, ଯେଉଁଥିରେ କି ହିଂସା, ଶତ୍ରୁତା ବୋଲି କିଛି ନଥିବ। ପାରିବାରିକ ହିଂସା ଯେମିତି ଚରମ ବିନ୍ଦୁ ଛୁଇଁବାକୁ ବସିଲାରି, ସେମିତି ବଢ଼ିଗଲାଣି ନିର୍ଯାତନା ହାର। ଶିଶୁଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ କାହାରିକୁ ଏହି ବ୍ୟାଧି ଛାଡ଼ିନାହିଁ। କେଉଁଠି ଶିଶୁ ଅପହରଣ ହେଉଛି, ଆଉ କେଉଁଠି ଅଙ୍ଗ ଚୋରି ଭଳି ସାଂଘାତିକ ଅପରାଧ ହେଉଛି। ନିରୀହ ଓ ନିର୍ଦ୍ଦୋଷମାନେ ଯେଉଁ ହାରରେ ବଳି ପଡୁଛନ୍ତି, ତାହା ସାରା ସମାଜ ପାଇଁ ଉଦବେଗଜନକ ହୋଇପଡ଼ିଲାଣି। ନିର୍ଯାତନା ହାର ବୃଦ୍ଧିର କାରଣ ଭିତରେ ଯୌତୁକ ଧନ ଦାବି ବହୁକାଳ ଧରି ରହିଥିବାବେଳେ ଅପହରଣ ଓ ଯୌନ ନିର୍ଯାତନାର ଶିକାର ହେଉଥିବା ଶିଶୁ ଓ ମହିଳାଙ୍କ ସଂଖ୍ୟା ଅଭାବନୀୟ ରୂପେ ବଢ଼ିଯାଉଛି। ନିଶା ରାକ୍ଷସର ପଞ୍ଝାରେ ତଥାକଥିତ ଶିକ୍ଷିତ ଓ ସଭ୍ୟ ମଣିଷ ଅପରାଧ ଘଟାଇବାକୁ ପଛାଉନାହିଁ। ସଦ୍ୟ ବିଦାୟ ନେଇଥିବା ୨୦୨୦ରେ କରୋନା ସଂକ୍ରମଣ ସତେ ଯେପରି ଅପରାଧୀମାନଙ୍କୁ ରୋକିବାରେ ସଫଳ ହୋଇପାରିଲା ନାହିଁ। ହିସାବ କହୁଛି: ୨୦୨୦ରେ ପୂର୍ବବର୍ଷ ତୁଳନାରେ ଧର୍ଷଣ ଓ ନିର୍ଯାତନାର ଶିକାର ହାର ଊଣା ହୋଇନାହିଁ। ଜାତୀୟ ଅପରାଧ ହାରରେ ସ୍ଥିତି ଚିନ୍ତାଜନକ ରହିଥିବାବେଳେ ବୃହତ୍ତମ ରାଜ୍ୟ ଉତ୍ତରପ୍ରଦେଶରେ ଅପହରଣ ତଥା ଧର୍ଷଣ ଓ ହତ୍ୟା ଘଟଣା ସବୁ ମହଲରେ ଉଦ୍‌ବେଗ ସଂଚାର କରିଛି। ହାଥ୍ରାସ ପରେ ବଦାୟୁଁରେ ସଂଘଟିତ ଲୋମଟାଙ୍ଗୁରା ନାରୀ ଧର୍ଷଣ ଓ ହତ୍ୟା ଘଟଣା ହାଣ୍ଡିଏ ଭାତରୁ ଗୋଟିଏ ଚିପିବା ନ୍ୟାୟରେ ୟୁପିର ଆଇନ ଶୃଙ୍ଖଳା ସ୍ଥିତିର ସୂଚନା ଦିଏ। ଯୋଗୀ ସରକାର ପାଇଁ ଏଭଳି ଘଟଣା କଳଙ୍କିତ ଅଧ୍ୟାୟ ହୋଇଥିବା ସମାଲୋଚକ ମହଲ କହୁଛନ୍ତି। ଦିଲ୍ଲୀରେ କିଛିବର୍ଷ ତଳେ ନିର୍ଭୟା ଗଣଧର୍ଷଣ ଓ ହତ୍ୟା ଘଟଣାର ପୁନରାବୃତ୍ତି ଘଟିଛି ବଦାୟୁଁରେ। ଜଣେ ପଚାଶ ବର୍ଷୀୟା ଅଙ୍ଗନୱାଡ଼ି କର୍ମୀ ମହିଳାଙ୍କୁ ଦୁଷ୍କୃତିକାରୀମାନେ ଉଠାଇନେଇ ଗଣଧର୍ଷଣ କଲେ ଓ ପରେ ତାଙ୍କୁ ହତ୍ୟା କରି ପ୍ରମାଣ ଲିଭାଇବାକୁ ଯଥାସାଧ୍ୟ ଉଦ୍ୟମ କଲେ। ହୋଇପାରେ ଯୋଗୀ ସରକାର ଅପରାଧୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରବୋଧନା ଦେଇ ସମାଲୋଚକମାନଙ୍କର ମୁହଁ ବନ୍ଦ କରିବାକୁ ଚାହିଁଛନ୍ତି। ହରିଆଣାର କର୍ଣ୍ଣଲରେ, ଓଡ଼ିଶାର ଯଦୁପୁର (ନୟାଗଡ଼)ରେ ଭଳି ଦିନକୁ ଦିନ କୋଡ଼ିଏ ପଚିଶି ଅଘଟଣ ଘଟୁଛି। ଆଶ୍ଚର୍ଯ୍ୟ ତଥା ଦୁର୍ଭାଗ୍ୟର ବିଷୟ ହେଉଛି, ଅପରାଧୀମାନଙ୍କ ସମାଜପତିମାନେ ବିଶେଷକରି ରାଜନୀତିରେ ଥିବା ପ୍ରଭାବଶାଳୀମାନେ ଘଂଟ ଘୋଡ଼ାଉଛନ୍ତି। ତାହାଦ୍ୱାରା ପୁଲିସ-ପ୍ରଶାସନର କଥିତ ତଦନ୍ତ ପ୍ରକ୍ରିୟା ବାଟବଣା ହେଉଥିବାର ଅଭିଯୋଗ ହେଉଛି। ଅପରାଧୀମାନେ ଆଇନର ଫାଙ୍କରେ ଖସିଯାଉଛନ୍ତି କିମ୍ବା କୋହଳ ଦଫା ପାଇଁ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇବାକୁ ବହପ ପାଇଯାଉଛନ୍ତି। ବାହୁବଳୀମାନେ କେତେବେଳେ ଶାସକ ଦଳର ଛତ୍ରଛାୟା ତଳେ ଶକ୍ତି ସଂଗ୍ରହ କରି ସମାଜକୁ କଳଙ୍କିତ କରିବାକୁ ଦୁଃସାହସ କରୁଛନ୍ତି। ମାତ୍ର ନ୍ୟାୟପାଳିକାର ସମୟୋଚିତ ହସ୍ତକ୍ଷେପ କାରଣରୁ ଦୁଃସାହସୀମାନଙ୍କ ଅପରାଧିକ କାରବାରରେ କେତେକ ସ୍ଥଳରେ ଅଙ୍କୁଶ କଷାଯାଇ ପାରୁଛି। ମାତ୍ର ଅପରାଧ ହାର ବୃଦ୍ଧି ତୁଳନାରେ ସେଭଳି କିଛି ନୁହେଁ ବୋଲି କୁହାଯାଇପାରେ। ଶିଶୁ ଓ ମହିଳାମାନଙ୍କୁ ଆମ ବ୍ୟବସ୍ଥାରେ ଶକ୍ତିହୀନ ଓ ଦୁର୍ବଳ ବୋଲି ବିଚାର କରାଯିବା ଏମିତିରେ ହେଉଛି ସବୁଠାରୁ ବଡ଼ ଦୁର୍ବଳତା। ଶିଶୁ ନିର୍ଯାତନା ରୋକିବା ସକାଶେ ଥାନା ଓ ବିଭିନ୍ନ କାର୍ଯ୍ୟାଳୟରେ ହେଲପ ଡେସ୍କମାନ ଖୋଲିଛି। ପ୍ରକୃତପକ୍ଷେ, ସେଗୁଡ଼ିକର କାର୍ଯ୍ୟପ୍ରଣାଳୀ ନେଇ ଅନୁଧ୍ୟାନ କଲେ ନିରାଶ ହେବାକୁ ପଡ଼ିଥାଏ। ଅପରାଧିକ ପ୍ରମାଣ ଲୋପ କରିବାର କୌଶଳ ଦୁଷ୍କୃତିକାରୀଙ୍କୁ ଜଣା। ତେଣୁ ପୁଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଇଥାନ୍ତି। ଅପରାଧ ତଥା ନିର୍ଯାତନା ହାର ବୃଦ୍ଧି ନେଇ ସବୁଠାରୁ ଉଦବେଗ ବଢୁଛି ସିନା, ପ୍ରତିକାର ତଥା ଅପରାଧ ଦମନରେ ସଫଳତା ଆଖିଦୃଶିଆ ହୋଇପାରୁନାହିଁ। ସାଇବର କ୍ରାଇମଠାରୁ ଆରମ୍ଭ କରି ଏଟିଏମ୍ ଲୁଟି ପର୍ଯ୍ୟନ୍ତ ଲମ୍ବିଯାଇଥିବା ଚେର ଯେପର୍ଯ୍ୟନ୍ତ ଉଖାଡ଼ି ଫିଙ୍ଗା ନଯାଇଛି, ଅପରାଧୀମାନେ ବ୍ୟବସ୍ଥାର ଢ଼ିଲାମିର ସୁଯୋଗ ନେଇ ଚାଲିଥିବେ। ନାରୀ ସୁରକ୍ଷା, ଶିଶୁ ନିର୍ଯାତନା ରୋକାଯିବା ଭଳି ନିରାପତ୍ତାମୂଳକ ପଦକ୍ଷେପ ନେଇ ଅଧିକ କଠୋର ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇପାରିଲେ, ତାହା ବ୍ୟବସ୍ଥା ଉପରେ ଭରସା ସ୍ଥାପନରେ ସହାୟକ ହୋଇପାରେ।

କବିତା କୋଣାର୍କ

## ପ୍ରେମ ଉପପାଦ୍ୟ...

**ସୁଦର୍ଶନ ମହାପାତ୍ର**

ପ୍ରେମ ପରିଧିକୁ ମାପି
ତୁମେ ଯଦି କଲ ତ୍ରୁଟି
ବୀତସ୍ପୃହ ମନ ନେଇ
ସମୟକୁ ଦୋଷ ଦେବା
କିବା ଶୋଭନୀୟ ?
ମାଟିଠୁ ମାପି ଆକାଶ
ଯଦି ହେଲ ନାହିଁ ତୋଷ
ନୈରାଶ୍ୟର ନୀର ପିଇ
ପ୍ରେମକୁ ନ୍ୟୁନ ମଣିବା
କିବା ବାଞ୍ଛନୀୟ ?
ତନ୍ମୟ ବେହାଗ ତୋଳି
ବିହଙ୍ଗମଟିଏ ପରି
ଉନ୍ମୁକ୍ତ ପକ୍ଷ ବିସ୍ତାରି
ଉଡିଗଲ ମନଖୋଲି
ହାତରେ ମୋ ଦେଲ ନାହିଁ ଧରା
ତଥାପି ଚାହିଁଛି ବାଟ
ନଈ କି ପବନ ହୋଇ
ଅବା କେଉଁ ରୂପ ନେଇ
ତୁମ ଆଗେ ବାଢିଦେବି
ପୁଲକିତ ପ୍ରୀତିର ପଶରା ।
ଶେଷଶ୍ୱାସ ଥିବା ଯାଏ
ପ୍ରତିକ୍ଷୀତ ଥିବି ପ୍ରିୟେ
ମଧୁମୟ ସମ୍ପର୍କକୁ
ଭାଜି କେବେ ଦେବି ନାହିଁ
ସ୍ମୃତିକୁ ସମ୍ବଳ କରି
ଲେଖିବି ମୁଁ ପ୍ରେମ ମହାକାବ୍ୟ,
ଅବଶୋଷ ଦୂରେ ଥୋଇ
ସପନକୁ ସାଥେ ନେଇ
ହୃଦୟର କାନଭାସେ
କଳ୍ପନାରେ ରୂପ ଦେବି
ଉଭାସିତ ହେବ ପୁଣି
ଜୀବନରେ ନୂଆ ଉପପାଦ୍ୟ ।।

କୁଞ୍ଜବିହାରୀ ଲେନ, କଟକ

# ରାଷ୍ଟ୍ରବାଦ ଏବଂ ରବୀନ୍ଦ୍ରନାଥ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

ସାରା ବିଶ୍ୱରେ ସମାନତା, ସ୍ୱତନ୍ତ୍ରତା ଏବଂ ବନ୍ଧୁତାର ସ୍ୱପ୍ନ ଆକାର ନେବାରେ ଲାଗିଥିଲା କିନ୍ତୁ ଏହା ସହିତ ଜର୍ମାନୀ, ୟୁରୋପ ଏବଂ ଆମେରିକା ଆଦି ଦେଶରେ ସଂକୀର୍ଣ୍ଣ ରାଷ୍ଟ୍ରବାଦର କଥା ଜନ୍ମ ନେଇଥିଲା ଓ ଏହା ଧୀରେ ଧୀରେ ବ୍ୟାପିବାରେ ଲାଗିଥିଲା। ବୋଧହୁଏ ଏହି କାରଣରୁ ରବିନ୍ଦ୍ରନାଥ ରାଷ୍ଟ୍ରବାଦକୁ ବିରୋଧ କରୁଥିଲେ ଏବଂ ଏହାକୁ ନେଇ ଚିନ୍ତିତ ଥିଲେ। ରାଷ୍ଟ୍ରବାଦ ସହିତ ଯଦି କିଛି ସମ୍ପର୍କ ଥିଲା ତେବେ ତାହା ଜାତି, ଧର୍ମ, ରାଜ୍ୟ ବା ରାଷ୍ଟ୍ରର ସୀମା ଭିତରେ ସୀମିତ ନଥିଲା। ବିଶ୍ୱଭାରତୀର ତାଙ୍କର କଳ୍ପନାରେ ମାନବତାକୁ ସୁବଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଥମେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପରେ ପ୍ରଧାନମନ୍ତ୍ରୀ ମୋଦୀ 'ବିଶ୍ୱଭାରତୀ'ର ୧୦୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର ଉତ୍ସବରେ ଯୋଗଦାନ ପରେ ବିଶ୍ୱକବି ରବିନ୍ଦ୍ରନାଥ ଟାଗୋରଙ୍କ ବିଚାରକୁ ନେଇ ଏବେ ଆଲୋଚନା ସମାଲୋଚନା ଆରମ୍ଭ ହୋଇଯାଇଛି। 'ବିଶ୍ୱଭାରତୀ'ର ଏହି ଶତାବ୍ଦି ସମାରୋହରେ ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି ବିଶ୍ୱବିଦ୍ୟାଳୟରେ ସ୍ୱାଧୀନତା ଆନ୍ଦୋଳନ ଅବସରରେ 'ଗୁରୁଦେବ' ରବିନ୍ଦ୍ରନାଥ ଟାଗୋରଙ୍କ ମାର୍ଗଦର୍ଶନରେ ଭାରତୀୟ ରାଷ୍ଟ୍ରବାଦୀ ଭାବନାକୁ ପୂର୍ଣ୍ଣ ରୂପ ଦିଆଯାଇଥିଲା। ପ୍ରଶ୍ନ ଉଠୁଛି ଯେ, ବିଶ୍ୱଭାରତୀର ଶତାବ୍ଦି ସମାରୋହ ଅବସରରେ ରବିନ୍ଦ୍ରନାଥ ଟାଗୋରଙ୍କୁ ମନେ ପକାଇ ତାଙ୍କ ବିଚାରକୁ ଆଜିର ସନ୍ଦର୍ଭରେ କାହିଁକି ପର୍ଯ୍ୟାଲୋଚନା କରିବାର ଆବଶ୍ୟକତା ରହିଛି? ଯଦି ଆମେ ରବିନ୍ଦ୍ରନାଥଙ୍କ ବିଚାରକୁ ଆଜିବି ପ୍ରାସଙ୍ଗିକ ବୋଲି ଭାବୁଛେ ତେବେ ଆମକୁ ଦେଖିବାକୁ ପଡ଼ିବ ଯେ ଆମେ ତାଙ୍କ ବିଚାରକୁ କେତେ ଗ୍ରହଣ କରିଛେ। ଏଇ ସନ୍ଦର୍ଭରେ ସ୍ୱାଧୀନତା ଆନ୍ଦୋଳନ ବେଳର ଭାରତୀୟ ରାଷ୍ଟ୍ରବାଦର ଅବଧାରଣାକୁ ଦେଖିଲେ ସେଥିରେ ଧର୍ମ, ଜାତି ଏବଂ ଲିଙ୍ଗଗତ ଭେଦଭାବକୁ ଗ୍ରହଣ କରାଯାଇନଥିଲା ତଥା ସମସ୍ତଙ୍କୁ ସାଥୀରେ ନେଇ ଚାଲିବାର କଥା କୁହାଯାଇଥିଲା। ରବିନ୍ଦ୍ରନାଥଙ୍କ ବିଚାରଧାରା ଏକ ସମାବେଶି ବିଚାରଧାରା ଥିଲା ଯାହା କେବଳ ଭାରତବର୍ଷରେ ନୁହେଁ ବିଶ୍ୱର ଯେଉଁଠି ଶୋଷଣ ବିରୁଦ୍ଧରେ ଚାଲିଥିବା ସଂଘର୍ଷକୁ ସମର୍ଥନ ଯୋଗାଉଥିଲା। ଏହି ସମାବେଶୀ ତତ୍ତ୍ୱ ଅହିଂସା ଉପରେ ଆଧାରିତ ଲଢେଇ ଠାରୁ ଆରମ୍ଭ କରି କ୍ରାନ୍ତିକାରୀମାନଙ୍କ ହିଂସକ ରାସ୍ତା, ସମାଜବାଦୀ ଏବଂ କମ୍ୟୁନିଷ୍ଟ ଆଦିଙ୍କ ସଂଘର୍ଷର ସବୁଧାରାରେ ସମାନ ଏବଂ ସାମୁହିକ ରପରେ ସମାହିତ ଥିଲା।

ସାରା ବିଶ୍ୱରେ ସମାନତା, ସ୍ୱତନ୍ତ୍ରତା ଏବଂ ବନ୍ଧୁତାର ସ୍ୱପ୍ନ ଆକାର ନେବାରେ ଲାଗିଥିଲା କିନ୍ତୁ ଏହା ସହିତ ଜର୍ମାନୀ, ୟୁରୋପ ଏବଂ ଆମେରିକା ଆଦି ଦେଶରେ ସଂକୀର୍ଣ୍ଣ ରାଷ୍ଟ୍ରବାଦର କଥା ଜନ୍ମ ନେଇଥିଲା ଓ ଏହା ଧୀରେ ଧୀରେ ବ୍ୟାପିବାରେ ଲାଗିଥିଲା। ବୋଧହୁଏ ଏହି କାରଣରୁ ରବିନ୍ଦ୍ରନାଥ ରାଷ୍ଟ୍ରବାଦକୁ ବିରୋଧ କରୁଥିଲେ ଏବଂ ଏହାକୁ ନେଇ ଚିନ୍ତିତ ଥିଲେ। ରାଷ୍ଟ୍ରବାଦ ସହିତ ଯଦି କିଛି ସମ୍ପର୍କ ଥିଲା ତେବେ ତାହା ଜାତି, ଧର୍ମ, ରାଜ୍ୟ ବା ରାଷ୍ଟ୍ରର ସୀମା ଭିତରେ ସୀମିତ ନଥିଲା। ବିଶ୍ୱଭାରତୀର ତାଙ୍କର କଳ୍ପନାରେ ମାନବତାକୁ ସୁବଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଶ୍ୱଭାରତୀର ସ୍ଥାପନା ପଛରେ ତାଙ୍କର ଉଦ୍ଦେଶ୍ୟ ଥିଲା ଯେ, ପୁରା ବିଶ୍ୱ ଏକା ସାଥୀରେ, ଗୋଟିଏ ଘରେ ରହିବ। ଭାରତ ବର୍ଷ ଏପରିକି ବିଶ୍ୱରେ ଯେଉଁ ସବୁ ଶ୍ରେଷ୍ଠ ଜିନିଷ ରହିଛି ତାକୁ ବିଶ୍ୱଭାରତୀରେ ସମାହିତ କରିବାର ପ୍ରୟାସ କରିବା ସହିତ ସ୍ଥାନୀୟ ପ୍ରାକୃତିକ ଜିନିଷକୁ ସାମିଲ କରିଥିଲେ। ଏଠାରେ ଗାନ୍ଧୀଜୀଙ୍କର ଏକ ମନ୍ତବ୍ୟ ଉଦ୍ଧୃତ କରିବାର ଆବଶ୍ୟକତା ରହିଛି। ଗାନ୍ଧୀ କହିଥିଲେ, ମୁଁ ଚାହେଁ ନାହିଁ ମୋ ଘରର ଚାରିପାଖରେ ପାଚେରୀ ନିର୍ମିତ ହେଉ ଏବଂ କବାଟ ଦରଜା ସବୁ ବନ୍ଦ ହେଉ। ମୁଁ ଚାହୁଁଛି ଦୁନିଆ ସାରାର ସଂସ୍କୃତି ମୋ ଘରେ ଯଥା ସମ୍ଭବ ସ୍ୱତନ୍ତ୍ରତାର ସହ ରହୁ କିନ୍ତୁ ମୁଁ ଏକ ନିର୍ଦ୍ଦିଷ୍ଟ ସଂସ୍କୃତି ଭିତରେ ଯେମିତତି ସୀମିତ ହୋଇ ରହିନଯାଏ। ରବିନ୍ଦ୍ରନାଥ ଟାଗୋରଙ୍କ ଭଳି ଗାନ୍ଧୀଜୀ ମଧ ସାରା ଦୁନିଆର ଜ୍ଞାନ ଆହରଣ କରିବା କଥା କହିଥିଲେ, କିନ୍ତୁ ଏହାର ଅନ୍ଧ ଭାବେ ଅନୁକରଣ ନକରିବା ପାଇଁ ମଧ କହିଥିଲେ। ରବିନ୍ଦ୍ରନାଥ ଟାଗୋର ସ୍ୱାଧୀନତା ଏବଂ ସ୍ୱାଭିମାନର ପକ୍ଷଧର ଥିଲେ। ଗୀତାଳିରେ ନିଜର ବିଶ୍ୱ ପ୍ରସିଦ୍ଧ କବିତା- 'ଯେଉଁଠି ମସ୍ତିଷ୍କ ଭୟମୁକ୍ତ ଏବଂ ଉନ୍ନତ ହୋଇଥାଏ।' ମୁଁ ଏମିତି ଜାଗ୍ରତ ରାଷ୍ଟ୍ରରେ କଳ୍ପନା କରୁଛି- ଯେଉଁଠି ମନରେ ଭୟ ନଥିବ ଏବଂ ମଥା (ମୁଣ୍ଡ) ସ୍ୱାଭିମାନରେ ଉଚ୍ଚ ହୋଇଥିବ। ଯେଉଁଠି ଜ୍ଞାନ ବନ୍ଧନରେ ନଥିବ, ଦୁନିଆ ଯେଉଁଠି ସଂକୀର୍ଣ୍ଣ ପ୍ରାଚେରୀରେ ଛୋଟଛୋଟ ହୋଇ ବାଣ୍ଟି ହୋଇନଥିବ, ବିଚାର ଯେଉଁଠି ସତ୍ୟର ଗଭୀରତାରୁ ବାହାରୁଥିବ, ଯେଉଁଠି ବିବେକର ନିର୍ମଳ ଧାରା ଅନ୍ଧବିଶ୍ୱାସର ମରୁସ୍ଥଳରେ ହଜିଯାଉନଥିବ, ଯେଉଁଠି ମନ ନିରନ୍ତର ଗତିଶୀଳ ବିଚାର ଏବଂ କର୍ମକୁ ଆଗେଇ ନେଉଥିବ, ସ୍ୱତନ୍ତ୍ରତାର ସେଇ ସ୍ୱର୍ଗରେ ସେ ଭାରତକୁ ଜାଗ୍ରତ କରିବା ପାଇଁ ପ୍ରଭୁଙ୍କୁ ନିବେଦନ କରୁଛନ୍ତି।

ଏବେ ଭାରତ ବର୍ଷ ସମେତ ବିଶ୍ୱର ଅନେକ ଦେଶରେ ସଂକୀର୍ଣ୍ଣ ରାଷ୍ଟ୍ରବାଦର ହାୱା ବହୁଛି। ଏଭଳି ସମୟରେ ରବିନ୍ଦ୍ରନାଥଙ୍କ କବିତା ଆମକୁ କହୁଛି ଯେ ଆମେ ଭାରତବର୍ଷକୁ କେମିତି ଏକ ସଚ୍ଚା ସ୍ୱତନ୍ତ୍ର (ସ୍ୱାଧୀନ) ରାଷ୍ଟ୍ର ଭାବେ ଗଢିତୋଳିବା। ଦେଶରେ ଆଜିର ପରିସ୍ଥିତି ପରିପ୍ରେକ୍ଷୀରେ ଆମେ ଚିନ୍ତା କରିବା ଆବଶ୍ୟକ ଯେ, ରବିନ୍ଦ୍ରନାଥଙ୍କ ରାଷ୍ଟ୍ରର ପରିକଳ୍ପନା ଠାରୁ ଆମେ କେତେ ପାଖରେ ବା ଆମେ କେତେ ଦୂରରେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ରବିନ୍ଦ୍ରନାଥଙ୍କ ଏକ ଗୀତ, 'ଏକଲା ଚଲୋରେ' ର ଉଦାହରଣ ଦେଇଥିଲେ। ଗୀତଟି ପ୍ରେରଣା ଦ୍ୟୀ। ଗୀତଟିରେ କବି କହିଛନ୍ତି- ଯଦି କେହି ତୋ କଥା ଶୁଣୁନାହାଁନ୍ତି ତେବେ ବି ଏକାକୀ ଚାଲ (ନିଜ ପଥରରେ ଆଗେଇଚାଲ)। ଯଦି ସମସ୍ତେ ଡରୁଛନ୍ତି ବା ଭୟ କରୁଛନ୍ତି ତେବେ ବି ମୁକ୍ତ କଣ୍ଠରେ ନିଜ କଥା କୁହ। ଯଦି ତୋଫାନ-ବର୍ଷା ରାତିରେ କେହି କବାଟ ଖୋଲୁନାହାଁନ୍ତି ତେବେ ନିଜ ହୃଦୟର ଆଲୋକକୁ ଜଳାଅ। ଏହି ଗୀତର ଭାବାର୍ଥ ଅତ୍ୟନ୍ତ ପ୍ରେରଣା ଦାୟୀ। ଏହି ପ୍ରେରଣାଦାୟୀ ଗୀତରେ କମ୍ ସଂଖ୍ୟକ ଲୋକ ଅନୁପ୍ରାଣିତ, କିନ୍ତୁ ଏହି କମ୍ ସଂଖ୍ୟକ ଅସହମତି ସହ ଲଢେଇ ଜାରି ରଖିଛନ୍ତି ଓ ସମାଜ ଏବଂ ସରକାରକୁ ତାର ଦାୟୀତ୍ୱ ସମ୍ପର୍କରେ ସୂଚାଇ ଦେବା ସହ ଭିନ୍ନ ମତ ରଖୁଥିବା ଲୋକ ବା ଅଳ୍ପ ସଂଖ୍ୟକଙ୍କ ପ୍ରତି ସହିଷ୍ଣୁତାର ଭାବ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କିନ୍ତୁ ଏବେ ଭିନ୍ନ ମତ ରଖୁଥିବା ଲୋକଙ୍କୁ ରାଷ୍ଟ୍ର ବିରୋଧୀ ଏପରିକି ଆତଙ୍କବାଦୀର ଆଖ୍ୟା ଦିଆଯାଉଛି। ଏହା ଚିନ୍ତାର ବିଷୟ ନିଶ୍ଚୟ। ଆଜି ଯଦି ରବିନ୍ଦ୍ରନାଥ ବଞ୍ଚିଥାନ୍ତେ ତେବେ ସେ ନିଶ୍ଚୟ ଏହି ଭିନ୍ନମତ ବ୍ୟକ୍ତ କରୁଥିବା ଅଳ୍ପସଂଖ୍ୟକଙ୍କ ସହ ରହୁଥାନ୍ତେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ 'ଆତ୍ମନିର୍ଭର ଭାରତ'ର ଚର୍ଚ୍ଚା କରିଥିଲେ ଓ କହିଥିଲେ ଯେ, ଏହା ସ୍ୱାଧୀନତା ଆନ୍ଦୋଳନ ସମୟରେ ଜନ୍ମ ନେଇଥିବା ରାଷ୍ଟ୍ରବାଦ ଭାବନାରୁ ସୃଷ୍ଟି ହୋଇଥିଲା। ଏକଥା ସତ୍ୟ ଯେ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଆତ୍ମନିର୍ଭର ଭାରତର ସଂକଳ୍ପନା ଉପରେ ବିଚାର ଆଲେଚନା ହୋଇଥିଲା କିନ୍ତୁ ଏହି ଆତ୍ମନିର୍ଭରତା ବିକେନ୍ଦ୍ରିତ ଏବଂ ସ୍ଥାନୀୟ ସଂସାଧନ ଏବଂ ଆବଶ୍ୟକତାର ଅନୁରୂପ ଥିଲା। ଏବେ ଆମେ ଯେଉଁ ଆତ୍ମ ନିର୍ଭର ଭାରତ କଥା କହୁଛେ ଏହି କଥା ସାଧାରଣ ଭାବରେ ସୃଷ୍ଟି ହୋଇନାହିଁ ବରଂ ଏକ ପ୍ରତିକ୍ରିୟାରୁ ଉତ୍ପନ୍ନ ହୋଇଛି। ଚୀନ ଭାରତ ବର୍ଷର ସୀମାରେ ଉତ୍ତେଜନା ସୃଷ୍ଟି କରିବା ପରେ ପ୍ରତିକ୍ରିୟା ସ୍ୱରୂପ ଚୀନର କିଛି ଉତ୍ପାଦ ଉପରେ ପ୍ରତିବନ୍ଧ ଲଗାଇ ଆମେ ଆତ୍ମନିର୍ଭର ଭାରତ କଥା ଆରମ୍ଭ କରିଥିଲେ। ଚୀନ ସୀମାରେ ଯେଭଳି ଅବସ୍ଥା ସୃଷ୍ଟି କରୁଛି ତାହା ସେ ବେଶୀଦିନ କରିପାରିବ ନାହିଁ। କାରଣ ଭାରତ ମଧ କିଛି କମ୍ ନୁହେଁ। ଚୀନକୁ ଭାରତ ପକ୍ଷରୁ ଶକ୍ତ ଜବାବ ମଧ ଦିଆଯାଉଛି। ଯଦି ଚୀନ ଅତିକ୍ରମଣ କରିଥିବା ଅଞ୍ଚଳରୁ ପଛକୁ ହଟିଯାଏ ଓ ଭାରତ ସରକାରଙ୍କୁ ଅନୁରୋଧ କରିବ ଯେ ଚୀନ ଉତ୍ପାଦ ଉପରେ ଲଗାଯାଇଥିବା ପ୍ରତିବନ୍ଧକୁ ହଟାଅ ତେବେ ଆମ ଆତ୍ମନିର୍ଭରତାର ବିଚାର ସେତେ ବେଳେ କାଏମ ରହିପାରିବ କି? ଏହି ବିଚାରରେ ଆମେ ଯେଉଁ ଟେକନିକ୍ ଏବଂ କର୍ପୋରେଟ୍ ହାତରେ ଶକ୍ତି କେନ୍ଦ୍ରିତ କରିବାର କଥା କରୁଛେ କ'ଣ ଆମ ସ୍ୱାଧୀନତା ଆନ୍ଦୋଳନର ରାଷ୍ଟ୍ରବାଦ ଏବଂ ଆତ୍ମନିର୍ଭରତାର ବିଚାରକୁ ସେମାନେ ସାକାର କରିପାରିବେ? ଆମ ସ୍ୱାଧୀନତା ଆନ୍ଦୋଳନର ରାଷ୍ଟ୍ରବାଦ ଏବଂ ଆତ୍ମନିର୍ଭରତାର ବିଚାର ସହ ଏମାନଙ୍କର କିଛି ସମ୍ପର୍କ ଅଛି?

# ଅସହାୟ ଗଣତନ୍ତ୍ର ଓ ଅସଫଳ ରାଷ୍ଟ୍ରମୁଖ୍ୟ

ଶରତ କୁମାର ଦାସ

'ସଂସଦ' ଗଣତନ୍ତ୍ରର ପବିତ୍ର ମନ୍ଦିର ରୂପେ ବିବିଚିତ ହେଉଥିବା ବେଳେ 'ଜନାଦେଶ' ଏହାର ପବିତ୍ର ତଥା ଗୁରୁତ୍ୱପୂର୍ଣ୍ଣ ବିଭବ । ସଂସଦର ସମ୍ମାନ ତଥା ମାନ ମର୍ଯ୍ୟଦା ଗଣତନ୍ତ୍ରର ଗରିମାକୁ ବହୁଗୁଣିତ କରିଥାଏ ଓ ଶୃଙ୍ଖଳିତ ଜନାଦେଶ ଗଣତାନ୍ତ୍ରିକ ପରମ୍ପରା ଓ ଭିତ୍ତିଭୂମିକୁ ସୁଦୃଢ କରିଥାଏ । କ୍ଷମତା ହାସଲ ପାଇଁ ଜନାଦେଶ କବଜା କରିବାକୁ ଅନେକ ହିଂସା ସୃଷ୍ଟିହେବାର ନଜିର ଅଛି । ମାତ୍ର ଆଇନକୁ ବଳ ପ୍ରୟୋଗ ପୂର୍ବକ ଜୋର୍ ଜବରଦସ୍ତ ପାଦରେ ଦଳିମକଚି ଗଣତାନ୍ତ୍ରକୁ କଣ୍ଠରୁଦ୍ଧ କରି ଶେଷକରିଦେବାର ହୀନ ପ୍ରୟାସ କେବେବି ବରଦାସ୍ତ କରାଯାଇପାରିବ ନାହିଁ । କ୍ଷମତାକୁ ଅନ୍ୟାୟ ଭାବରେ ଜାବୁଡି ଧରିବାର ଅପଚେଷ୍ଟା ଓ କୁଟ ଚକ୍ରାନ୍ତ ସହିତ ହିଂସା ଓ ରକ୍ତପାତ ଯେ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଏକ ନକାରାତ୍ମକ ବାର୍ତ୍ତା ପ୍ରଦାନ କରେ,ଏ କଥା ଆମେ ସମସ୍ତେ ମନେରଖିବା ଉଚିତ । ସମଗ୍ର ବିଶ୍ୱକୁ ଗଣତନ୍ତ୍ରର ଗରିମାକୁ ନେଇ ମନ୍ତ୍ର ଫୁଙ୍କୁଥିବା ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ତଥା ସର୍ବପୁରାତନ ଗଣତନ୍ତ୍ରିକ ବ୍ୟବସ୍ଥା ଆମେରିକା ଇତିହାସରେ ଗତ ଜାନୁଆରୀ ୬ ତାରିଖ ଥିଲା ଏକ ଅପଖ୍ୟାତି ତଥା ଲଜ୍ଜାର ଦିବସ । ନିଃସନ୍ଦେହରେ କହିଲେ ବିଶ୍ୱର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏହାଥିଲା ଏକ କଳା ଦିବସ । ଆମେରିକାର ସ୍ୱର୍ଣ୍ଣିମ ସଂସଦରେ ଦୀର୍ଘ ଚାରିଘଣ୍ଟାରୁ ଉର୍ଦ୍ଧ୍ୱ ଘଟିଥିବା ଆଭବନୀୟ ତଥା ଆଶ୍ଚର୍ଯ୍ୟଜନକ ହିଂସାକାଣ୍ଡ, ପୋଡାଜଳା,ଭଙ୍ଗାରୁଜା ତଥା ରକ୍ତପାତ ସଂସଦ ରୂପକ ଗଣତନ୍ତ୍ରର ପବିତ୍ର ମନ୍ଦିରକୁ ରକ୍ତରଂଜିତ କରିବା ସହିତ ଗଣତନ୍ତ୍ର କରିଛି ରକ୍ତମୁଖା । ଉପଦ୍ରବୀଙ୍କ ଗୁଳିମାଡରେ ଜଣେ ମହିଳାଙ୍କ ସମେତ ଚାରିଜଣଙ୍କର ମୃତ୍ୟୁ ଘଟିଛି । ସଂସଦର ପବିତ୍ର ଚଟାଣରେ ରକ୍ତର ଛିଟା ସମଗ୍ର ବିଶ୍ୱକୁ କରିଛି ସ୍ତବ୍ଧ ଓ ଚକିତ । କଳଙ୍କ ଲାଗିଛି ଗଣତନ୍ତ୍ରରେ । ଶାନ୍ତି ଓ ସାମ୍ବିଧାନିକ ମାର୍ଗରେ କ୍ଷମତାର ପରିବର୍ତ୍ତନ ଓ ହସ୍ତାନ୍ତର ନୀତିରେ ବିଶ୍ୱାସ ରଖିଥିବା ଗଣତନ୍ତ୍ର ଆଜି ଯେ ଲଜ୍ଜିତ ଓ ଅପମାନିତ ଏହାକୁ ନିଃସନ୍ଦେହରେ ଗ୍ରହଣ କରିବାକୁ ପଡିବ ।

ଗତ ନଭେମ୍ବର ୩ରେ ଅନୁଷ୍ଠିତ ହୋଇଥିବା ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ନେଇ ଉଭୟ ଦଳର ପ୍ରାର୍ଥୀ ଯଥା ରିପବ୍ଲିକାନ ଦଳର ପ୍ରାର୍ଥୀ ତଥା ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟିକ ଦଳର ପ୍ରାର୍ଥୀ ତଥା ନବ ନିର୍ବାଚିତ ଜୋ ବାଇଡେନଙ୍କ ମଧରେ ଲାଗି ରହିଥିବା ଛକାପଞ୍ଝା ଯେ ଶେଷରେ ଲହୁଲୁହାଣ ହୋଇ ଆମେରିକାର ଇତିହାସରେ ଏକ କଳାଦାଗ ସୃଷ୍ଟି କରିବ ତାହା ଏବେବି ଅବିଶ୍ୱାସନୀୟ । ନଭେମ୍ବର ୭ ତାରିଖରେ ନିର୍ବାଚନ ଫଳାଫଳ ଡେମୋକ୍ରାଟିକ ଦଳର ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ସପକ୍ଷରେ ଯାଇଥିଲା । ଅର୍ଥାତ ସେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ହେବେ ବୋଲି ସ୍ପଷ୍ଟ ହୋଇଯିବା ପରେ ମୁଖ୍ୟ ବିରୋଧୀ ତଥା କ୍ଷମତାସୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କର ସମର୍ଥକ ଏହି ଫଳାଫଳକୁ ସହଜରେ ଗ୍ରହଣ କରିପାରିନଥିଲେ । ନିଜ ଜିଦ୍ ରେ ଅଟଳ ରହିବା ପୂର୍ବକ ନିର୍ବାଚନରେ ଜାଲିୟାତି ହୋଇଥିବାର ଅଭିଯୋଗ ଆଣିଥିଲେ । ଏପରିକି ବିଧିବଦ୍ଧ ଭାବେ ନିର୍ବାଚନ ଫଳ ପ୍ରକାଶିତ ହେବାପୂର୍ବରୁ ନିଜକୁ ନିଜେ ବିଜୟୀ ଘୋଷଣା କରିବା କ୍ଷମତା ପ୍ରତି ଥିବା ତାଙ୍କର ଆହେତୁକ ମୋହ ତଥା କୁତ୍ସିତ ଲାଳସା ତାଙ୍କୁ ସାରା ବିଶ୍ୱରେ ଲଜ୍ଜିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।ଶେଷ ପର୍ଯ୍ୟନ୍ତ ଜନାଦେଶକୁ ନିଜ ସପକ୍ଷକୁ ଆଣିବା ପାଇଁ ଅନେକ ଚକ୍ରାନ୍ତ ବି ଆରମ୍ଭ କରିଦେଲେ । ପ୍ରଥମେ ଅଦାଲତ ଓ ପରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ବିଫଳ ହେବା ପରେ ଦେଶର ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କୁ ବିଜୟୀ ପ୍ରାର୍ଥୀ ଜୋ ବାଇଡେନଙ୍କୁ ବିଜୟ ପ୍ରମାଣ ପତ୍ର ନ ଦେବା ପାଇଁ ଟ୍ରମ୍ପ ଚାପ ପ୍ରୟୋଗ କରିବାକୁ ମଧ ପଶ୍ଚାତ୍ ପଦ ହୋଇନଥିଲେ । ମାତ୍ର ମାଇକ୍ ପେନ୍ସ ତାଙ୍କ କଥାକୁ ଅଗ୍ରାହ୍ୟ କରି ସାମ୍ବିଧାନିକ ମର୍ଯ୍ୟଦା ଅନୁପାଳନ ପୂର୍ବକ ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିଥିଲେ । ଶେଷରେ ସବୁଥିରେ ନିରାଶ ହୋଇ ସେ ନିଜର ଯୋଜନା ମୁତାବକ ହିଂସା ଓ ଦଙ୍ଗା ସୃଷ୍ଟି କରି ଜନାଦେଶକୁ କ୍ଷତାକ୍ତ , ରକ୍ତାକ୍ତ ତଥା ବିକଳାଙ୍ଗ କରିବାର ନୀଚ ମାନସିକତା ଯେ ଏକାନ୍ତ ଭାବେ ନିନ୍ଦନୀୟ ତାହା ସହଜରେ ଅନୁମେୟ । ଉଦେଶ୍ୟ ଥିଲା ଦେଶରେ ହିଂସା ଓ ଅରାଜକତା ନାଁରେ 'ରାଜଦ୍ରୋହ' ଆଇନ ଲାଗୁ କରି ଶାସନ କ୍ଷମତାକୁ ନିଜ ହାତମୁଠାରେ ରଖିବା ।

ନିର୍ବାଚନର ୬୪ ଦିନ ପରେ ଅର୍ଥାତ ଜାନୁଆରୀ ୬ ତାରିଖରେ ବିଜୟୀ ପ୍ରାର୍ଥୀ ଜୋ ବାଇଡନଙ୍କ ବିଜୟକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ ନିମନ୍ତେ ଆହୂତ କଂଗ୍ରେସର ଏକ ମିଳିତ ଅଧିବେଶନ ଚାଲିଥିବା ବେଳେ ଟ୍ରମ୍ପଙ୍କ ସମର୍ଥକ ମାନେ ହ୍ୱାଇଟ୍ ହାଉସ୍ ସଂଲଗ୍ନ ସଂସଦ ଭବନ 'କ୍ୟାପିଟଲ ହିଲ୍' କୁ ଧସେଇ ପଶି ଯେଉଁଭଳି ବ୍ୟାପକ ଭଙ୍ଗାରୁଜା ସହ ହିଂସା ଓ ରକ୍ତପାତ ସୃଷ୍ଟିକଲେ ତାହା ଆମେରିକା ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ପ୍ରଥମେ ଲାଠି,ପରେ ଲୁହବୁହା ଗ୍ୟାସ ଓ ଶେଷରେ ଗୁଳିଚାଳନା କରିବାକୁ ପଡିଥିଲା । ଏପରି ପରିସ୍ଥିତି ହେଲା ଯେ ନିଜର ଜୀବନ ବଂଚେଇବାକୁ ମିଳିତ ଅଧିବେଶନରେ ଅଧକ୍ଷତା କରୁଥିବା ଉପରାଷ୍ଟ୍ରପତିଙ୍କ ସମେତ ପ୍ରତିନିଧି ସଭା ଓ ସିନେଟ୍ ର ସଦସ୍ୟମାନେ କିଛିକ୍ଷଣ ଲୁଚିଯାଇଥିଲେ ଓ ମିଳିତ ଅଧିବେଶନରେ ଅଧକ୍ଷତା କରୁଥିବା ଉପରାଷ୍ଟ୍ରପତି ଓ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ଏମିତି ମନେ ହେଉଥିଲା ଯେମିତି ସମଗ୍ର ସଂସଦର ପରିସର ଉଗ୍ରବାଦୀଙ୍କ କବଳରେ କବଳିତ । ଅବଶ୍ୟ କିଛି ସମୟ ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏଭଳି ହିଂସାକାଣ୍ଡ ଓ ବିକ୍ଷୋଭ ସତ୍ତ୍ୱେ କଂଗ୍ରେସ ଇଲେକ୍ଟୋରାଲ୍ କଲେଜ ଭୋଟ୍ ଗଣତି ପରେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନଙ୍କ ସପକ୍ଷରେ ୩୦୭ ଓ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷରେ ୨୩୨ ଖଣ୍ଡ ମିଳିଥିବା ସ୍ପଷ୍ଟକରାଯାଇଛି । ଶେଷରେ କଂଗ୍ରେସ ଦଳ ମତ ନିର୍ବିଶେଷରେ ଜୋ ବାଇଡେନଙ୍କୁ ବିଜୟୀ ଘୋଷଣା କରିବା ସହିତ ଇଲେକ୍ଟୋରାଲ୍ ବିଜୟ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ତେବେ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏତାଦୃଶ କ୍ଷମତାପିପାସୁ, ଏକଛତ୍ରବାଦୀ ଓ ସ୍ୱାର୍ଥନ୍ୱେଷୀ ଆଚରଣକୁ ସମଗ୍ର ବିଶ୍ୱରେ ନିନ୍ଦା କରାଯାଉଛି । ଆମେରିକାର ଚିରଶତ୍ରୁ ଇରାନ୍ , ଚୀନ ,ଓ ରୁଷ୍ ତାଛଲ୍ୟ କରିଛନ୍ତି । ଇରାନର ରାଷ୍ଟ୍ରପତି ହସନ ରୁହାନି ପାଶ୍ଚାତ୍ୟ ଗଣତନ୍ତ୍ର ଦୁର୍ବଳ ଓ ଅସୁରକ୍ଷିତ ବୋଲି କଡା ସମାଲୋଚନା କରିଛନ୍ତି । ଚୀନ୍‌ର ରାଷ୍ଟାୟତ୍ତ ଗଣମାଧମ ସଂସ୍ଥା ଗ୍ଲୋବାଲ୍ ଟାଇମସ୍ ମଧ ତୀବ୍ର ସମାଲୋଚନା କରିଛି । ସେହିଭଳି ରୁଷ୍‌ର ଜଣେ ମନ୍ତ୍ରୀ ଆମେରିକା ଗଣତନ୍ତ୍ର ଉଭୟ ଗୋଡରୁ ଛୋଟାହୋଇଥିବା ମନ୍ତବ୍ୟ ଦେଇଛନ୍ତି । ଭେନଜୁଏଲା ପକ୍ଷରୁ ଗଭୀର ଚିନ୍ତାବ୍ୟକ୍ତ କରାଯାଇଥିବା ବେଳେ ତୁର୍କୀର ବୈଦେଶିକ ମନ୍ତ୍ରଳୟ ଏହା ଏକ ଚିନ୍ତାଜନକ ବିଷୟ ବୋଲି ମତବ୍ୟକ୍ତ କରିଛି । ବ୍ରିଟେନ ଓ ଭାରତ ଭଳି ଦେଶ ମଧ ନିନ୍ଦା କରିଛନ୍ତି ।

ଯେଉଁ ଆମେରିକା ଗଣତନ୍ତ୍ରର ମୂଲ୍ୟବୋଧ ସମ୍ପର୍କରେ ସମଗ୍ର ବିଶ୍ୱବାସୀଙ୍କୁ ଅଭିଭୂତ କରିଆସୁଛି, ସେହି ଦେଶ ଶେଷରେ ଗଣତନ୍ତ୍ରର ସ୍ୱର୍ଣ୍ଣିମ ଇତିହାସରେ ଏଭଳି କଳାଦାଗ ସୃଷ୍ଟି କରିବ ତାହା ସହଜରେ ବିଶ୍ୱାସ କରିହେଉନାହିଁ । ସେଇ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ୍‌ଙ୍କ କହିଥିଲେ - 'ଗଣତନ୍ତ୍ର ହେଉଛି ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ସରକାର ।' ଆମେରିକା ଭଳି ଗୌରବଶାଳୀ ଦେଶରେ 'ଲୋକମାନଙ୍କ ଗଣତନ୍ତ୍ର' ଆଜି ଜଣେ କ୍ଷମତାଲୋଭୀ ଜିଦଖୋର୍ ପୁଂଜୀବାଦୀ କବଳରେ ରକ୍ତରଂଜିତ । ରାଷ୍ଟ୍ରର ତଥା ନିଜ ପଦ ମର୍ଯ୍ୟଦାର ଗୌରବ ଓ ସମ୍ମାନ ରକ୍ଷା କରିବାପାଇଁ ଶପଥ ନେଇଥିବା ରାଷ୍ଟ୍ରମୁଖ୍ୟ ଯଦି କ୍ଷମତା ଲୋଭରେ ହିଂସା ଓ ଅରାଜକତା ସୃଷ୍ଟି କରିବାର ମାର୍ଗ ହାତକୁ ନିଅନ୍ତି, ଏହା କେବେବି ଗ୍ରହଣୀୟ ନୁହେଁ । ଏହା ହୁଏତ କେଉଁ ଏକଛତ୍ରବାଦୀ ଶାସନରେ ହୋଇପାରେ । ମାତ୍ର ଆମେରିକା ଭଳି ସର୍ବପୁରାତନ ଗଣତନ୍ତ୍ର ତଥା ସ୍ଥିର ଓ ସମୃଦ୍ଧ ଅର୍ଥନୀତିରେ ଅନ୍ୟାୟ ଓ ଅନୁଚିତ ଭାବେ କ୍ଷମତାକୁ ଜାବୁଡି ଧରିବାର ଅପଚେଷ୍ଟା ସମଗ୍ର ବିଶ୍ୱର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏକ ଉପହାସ ନୁହେଁ କି ?

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

କବିତା କୋଣାର୍କ

## ଜୀବନ ଜଟିଳ ଅଙ୍କ....

**ଅମରନାଥ ବାରିକ୍**

ଜୀବନଟା ଏକ ଜଟିଳତା ଅଙ୍କ
ସରଳର ପ୍ରଶ୍ନ ନାହିଁ ।
ଅଙ୍କା ବଙ୍କା ଗାର ଛକି ଶୂନ ଖେଳ
ଖାଲ ଢ଼ିପ ଥାଏ କାହିଁ ।

କେବେ ସେ ମିଶାଣ କେବେ ସେ
ଫେଡାଣ
ହରିଲେ ବି ଛିଡେ ନାହିଁ ।
ହୋଇଯାଏ ପୁଣି ଆୟୁଷ ସମାପ୍ତ
କ୍ରମାଙ୍କନ ସଂଖ୍ୟା ଚାହିଁ ।

ସିଲଟ ସଦୃଶ୍ୟ କଳାପଟା ବାଟ
ପଡ଼ିଅଛି କେତେ ଛନ୍ଦି ।
ଧଳା ଖଡ଼ି ପରି କରିଯାଅ କର୍ମ
ନହୋଇ ଲୋଭରେ ବନ୍ଦୀ ।

ସମ୍ପର୍କ ହିସାବ ସବୁ ଅଭିନୟ
ଭାଗଫଳ ଥାଏ ଶୂନ ।
ଦିଆ ନିଆ କଲେ ସଭିଏଁ ନିଜର
ପ୍ରଶଂସା ହୁଏ ଗୁଣନ ।

ଦଶ ମାସ ଦଶ ଦିନରୁ ଆରମ୍ଭ
ବାର ପିଣ୍ଡପରେ ଶେଷ ।
'ମା' ଗଣିଥାଏ ପ୍ରଥମେ ଏହାକୁ
କୁଟୁମ୍ବ କରନ୍ତି ହ୍ରାସ ।

ଅଜବ ପୃଷ୍ଠାରେ ଜଟିଳ ଗଣିତ
ଏହାହିଁ ଜୀବନ ପାଠ ।
କିଏ ହାରିଥାଏ ପଢି ପଢି ସବୁ
ନପଢ଼ି ବି କିଏ ଶ୍ରେଷ୍ଠ ।

ଏକ ମାତ୍ର ସୂତ୍ର ସେହି ହରି ନାମ
ତା ବିନା ନାହିଁ ମୁକତି ।
ଜୀବନ ଗଣିତ ମହାମନ୍ତ୍ର ଧାରା
କଷିଲେ ପାରିବୁ ଜିତି ।

ପ୍ରତ୍ୟେକ ଶ୍ରେଣୀରେ ପ୍ରତିଫଳନଟି
କେବେ ମିଠା କେବେ ଟଙ୍କ ।
ସବୁ ସ୍ୱାଦଟିକୁ ଚାଖିବାକୁ ହୁଏ
ଏଇ ତ ଜଟିଳ ଅଙ୍କ ।

କୟାଁ,ମଙ୍ଗଳପୁର, ଯାଜପୁରଞ୍ଜ
ମୋ:୯୫୪୦୩୦୮୦୯୫

## ନାସ୍ତିକର ଈଶ୍ୱର ଭକ୍ତି...

**କୁନା ସେଠୀ**

ମିଛ କହିବା ଯା ଧର୍ମ
ମିଥ୍ୟାଚାର ଯାର କର୍ମ
ପାପ କରିବା ଯା ବୃତ୍ତି
ଚୋରି କରିବା ଯା କୃତି
ସେ ନାସ୍ତିକ ନୁହେଁ ତ ଆଉ କଣ ?

ନାରୀ ନିର୍ଯ୍ୟାତନା ଦେଇ
ଲୋଲୁପ ଦୃଷ୍ଟି ରେ ଚାହିଁ
ଲାଞ୍ଚର ଗୋଲାମୀ ହୋଇ
ମିଛ ସତ କଥା କହି
ସେ ନାସ୍ତିକ ନୁହେଁ ତ ଆଉ କଣ?

ଧନ ଗର୍ବେ ମତ ହୋଇ
ଭଲ ମନ୍ଦ ଭୁଲି ଯାଇ
ସାଧୁଜନେ ନାତ ଦେଇ
ଲୋଭେ ସଦା ମାତି ଥାଇ
ସେ ନାସ୍ତିକ ନୁହେଁ ତ ଆଉ କଣ?

ପର ଘର ଭାଙ୍ଗୁ ଥାଇ
ପର ଦୋଷ ଦେଖୁ ଥାଇ
ଦେଶ ଦ୍ରୋହ କାମ କରି
ଦେଶେ ବୁଲେ ଘିରି ଘିରି
ସେ ନାସ୍ତିକ ନୁହେଁ ତ ଆଉ କଣ?

ବାପା ମାଆ ଘରୁ ତଡ଼ି
ବୃଦ୍ଧା ଆଶ୍ରମରେ ଛାଡ଼ି
ସମ୍ପତି ଲୋଭରେ ଯିଏ
ଭାତୃ ହତ୍ୟା କରି ଥାଏ
ସେ ନାସ୍ତିକ ନୁହେଁ ତ ଆଉ କଣ?

ଯିଏ ଧରମ ବେଶରେ
ଅଧର୍ମ ର କାମ କରେ
ଦିଅଁ କୁ ଚଂପଟ କରି
ଖଟୁଳି ଲୁଚାଇ ଧରେ ।
ସେ ନାସ୍ତିକ ନୁହେଁ ତ ଆଉ କଣ?

ପେଟରେ ରାଗକୁ ରଖି
ମିଠା ମିଠା କହେ ସଖି
କୁଟ କପଟସ୍ୱଭାବେ
ବନ୍ଧୁ ପାଖେ ଠିଆ ହେବେ
ସେ ନାସ୍ତିକ ନୁହେଁ ତ ଆଉ କଣ?

ନାସ୍ତିକ ହୋଇଣ ଯଦି
ପାଟ ପିତାମ୍ବରି ପିନ୍ଧି
ହାତେ ପୂଜା ଥାଳ ଧରି
ମନ୍ଦିରରେ ପୂଜା କରି
ଡାକେ ରଖ ରଖ ହରି
ଶୁଣିବେ କି ଶ୍ରୀ ମୁରାରୀ ?

ଭୂତସରସିଙ୍ଗି
ଗଞ୍ଜାମ

# ଭଦ୍ରକ ରୋଟାରୀ କ୍ଲବ ଓ ବ୍ୟାସକବି ଜୟନ୍ତୀ ଆନୁକୂଲ୍ୟରେ ଫକୀରମୋହନ ଜୟନ୍ତୀ ପାଳିତ

## ବ୍ୟାସକବି ଓଡ଼ିଆ ସାହିତ୍ୟରେ ଆଧୁନିକତାର ଅନତିକ୍ରମଣୀୟ ପୁରୋଧା

ଭଦ୍ରକ,୧୫।୧ (ନି.ପ୍ର): ଓଡ଼ିଆ ଭାଷା ଓ ସାହିତ୍ୟର ତ୍ରାଣକର୍ତ୍ତା ଓ ପ୍ରାଣ ପ୍ରତିଷ୍ଠାତା ବ୍ୟାସକବି ଫକୀରମୋହନ ସେନାପତିଙ୍କ ସାମ୍ନାରେ କୌଣସି ଉଦାହରଣ ନଥିବାରୁ ସେ ନିଜେ ହିଁ ଥିଲେ ନିଜର ଉଦାହରଣ। ସଂକ୍ରାନ୍ତି ପୁରୁଷ ଫକୀର ମୋହନ ବାସ୍ତବରେ ଓଡ଼ିଆ ସାହିତ୍ୟରେ ଆଧୁନିକତାରେ ପୁରୋଧା ଥିଲେ। ଆଧ୍ୟାତ୍ମିକତା ହେଉ ବା ଭାଷା ଆନ୍ଦୋଳନ କିମ୍ବା ହାସ୍ୟ ବ୍ୟଙ୍ଗ ବା ସାମାଜିକ ସଂସ୍କାର, ସୃଜନର ପ୍ରତିଟି ବିଭବରେ ସେ ଅନତିକ୍ରମଣୀୟ ଥିଲେ ବୋଲି ଭଦ୍ରକ ରୋଟାରୀ କ୍ଲବ ଓ ଫକୀରମୋହନନ ଜୟନ୍ତୀ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ବ୍ୟାସକବି ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ସାଳନ୍ଦୀ ନଗର ସ୍ଥିତ ଜଗନ୍ନାଥ ମନ୍ଦିର ସଭା ଗୃହରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ବକ୍ତା ରୂପରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓଡ଼ିଆ ଭାଷା ଆନ୍ଦୋଳନର ନାୟକ ଫକୀରମୋହନ, ପ୍ରାବନ୍ଧିକ ବିଶ୍ୱରଂଜନ ଦାସ ବ୍ୟାସକବିଙ୍କ ରଚନାରେ ହାସ୍ୟରସ ଓ ବ୍ୟଙ୍ଗ ଏବଂ ଅଧ୍ୟାପକ ନାସିର ବକ୍ସ ସଂକ୍ରାନ୍ତି ପୁରୁଷଙ୍କ ସୃଷ୍ଟିରେ ଆଧ୍ୟାତ୍ମିକ ଦୃଷ୍ଟିଭଙ୍ଗୀ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ପ୍ରାରମ୍ଭରେ ରୋଟାରୀ କ୍ଲବର ସମ୍ପାଦକ ସନ୍ତୋଷ କୁମାର ନାୟକ ଅତିଥିଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ଜୟନ୍ତୀ କମିଟିର ଆବାହକ ଅଭିଜିତ ନାୟକ ପ୍ରାକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରୋଟାରୀ କ୍ଲବ ସଭାପତି ଇନ୍ଦ୍ରଜିତ ସାହୁ ଉତ୍ସବର ଶେଷ ସ୍ୱର୍ଣ୍ଣ ଦେବା ସହ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମିର ନିର୍ବାଚିତ ସଦସ୍ୟ ପୁର୍ଣ୍ଣଚନ୍ଦ୍ର ବହଳୀ ଓ ଜିଲ୍ଲା ସଦସ୍ୟ ପବିତ୍ର ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଲଲାଟେନ୍ଦୁ ମହାନ୍ତି, ଡ.ରାଧାରାଣୀ ମହାପାତ୍ର, ଅଟଳବିହାରୀ ନାୟକ, ଡ.ରାମଚନ୍ଦ୍ର ନାୟକ, ହରମୋହନ କୁଅଁର, ଡ.ଗୋଲକ ବିହାରୀ ସାହୁ, ଅଶୋକ ଜେନା, ରୋ.ମାର୍ଗିଲାଲ ବଳଦେବା, ରୋ.ବସନ୍ତ ପାଣିଗ୍ରାହୀ, ରୋ.ଅତିସ ବେହେରା, ରୋ. ବିଜୟ ସାହୁ,ରୋ. ପ୍ରମୋଦ ଜେନା, କାଦମ୍ବିନୀ ମହାନ୍ତି, ସ୍ନେହଲତା ବେହେରା ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଯୋଗ ଦେଇଥିଲେ।

# ଟୀକାକରଣ ପାଇଁ ପଂଜୀକୃତ ସ୍ୱାସ୍ଥ୍ୟକର୍ମୀଙ୍କ ପାଖକୁ ଯିବ ମେସେଜ୍

ଭୁବନେଶ୍ୱର,୧୫।୧ (ନି.ପ୍ର): ରାଜ୍ୟରେ ଟୀକାକରଣ ପାଇଁ ଯେଉଁ ସ୍ୱାସ୍ଥ୍ୟକର୍ମୀମାନେ ପଞ୍ଜୀକୃତ କରିଥିବେ, ସେମାନଙ୍କ ପାଖକୁ ଆଜି ଏସଏମଏସ୍ ଯିବ। ଏହି ଏସଏମଏସ୍ ଜରିଆରେ ସେମାନେ କେଉଁଠି ଓ କେତେବେଳେ ଟୀକା ନେବେ, ସେ ନେଇ ସମସ୍ତ ସୂଚନା ପାଇବେ ବୋଲି ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆସନ୍ତା ୧୬ ତାରିଖରେ ସାରା ଦେଶରେ ଆରମ୍ଭ ହେବ କରୋନା ଭାଇରସ୍ ଟୀକାକରଣ। ଓଡ଼ିଶାରେ ଟୀକାକରଣକୁ ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ପ୍ରତିଟି ବ୍ୟକ୍ତିଙ୍କୁ ଗୋଟିଏ ପ୍ରକାରର ଟୀକା ଦିଆଯିବ। ଟୀକା ପ୍ରଥମ ଡୋଜର ୨୮ ଦିନ ପରେ ୨ୟ ଟୀକା ଦିଆଯିବ। ୨ୟ ଟୀକା ନେବାର ୧୪ ଦିନ ପରେ ଶରୀରରେ ଆଂଟିବଡି ସୃଷ୍ଟି ହେବ। ଯଦି ପ୍ରଥମ ଟୀକା ନେବା ପରେ କୌଣସି ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୁଅନ୍ତି, ତାହେଲେ ତାଙ୍କୁ ୨ୟ ଡୋଜ ଦିଆଯିବ ନାହିଁ। ସେହି ବ୍ୟକ୍ତିଜଣକ କରୋନାରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହିଁ ଟୀକା ଦିଆଯିବ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଆହୁରି କହିଛନ୍ତି, ଟୀକାକରଣ ପାଇଁ ରାଜ୍ୟକୁ ୪୧ଟି ଡିପ୍ ଫ୍ରିଜର ଆସି ପହଂଚିଛି। ଏହା ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାକୁ ପଠାଯିବ। ପ୍ରତ୍ୟେକ ଜିଲ୍ଲା ଓ କୋଲ୍ଡ ଚେନ୍ ପଏଂଟରେ ଟୀକା ପହଂଚିସାରିଛି। ପ୍ରଥମ ପର୍ଯ୍ୟାୟରେ ଆମେ କ୍ରିଟିକାଲ ଇନଷ୍ଟିଚ୍ୟୁସନ୍, ତା' ପରେ ସେକେଣ୍ଡାରୀ ଇନଷ୍ଟିଚ୍ୟୁସନ୍ ଏବଂ ଏହା ପରେ ପ୍ରାଇମେରୀ ଇନଷ୍ଟିଚ୍ୟୁସନରେ ଟୀକାକରଣ ହେବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟକୁ କୋଭିଶିଲ୍ଡ ଟୀକା ୪ଲକ୍ଷ ୮୦ ହଜାର ଏବଂ ୨୦ହଜାର କୋଭାକ୍ସିନ୍ ଟୀକା ଆସିଛି।

# ନୀଳଗିରିରେ ଝାଡ଼ଖଣ୍ଡ ପାଇଲଟ ଦନ୍ତା: ଭାଙ୍ଗିଲା ଘର



ନୀଳଗିରି ,୧୫।୧ (ନି.ପ୍ର): ବୁଧବାର ଭୋର ୫.୩୦ ମିନିଟ ସମୟରେ ଝାଡ଼ଖଣ୍ଡର ପାଇଲଟ ମଣିଷମରା ଦନ୍ତା ନୀଳଗିରି ଅଂଚଳକୁ ପ୍ରବେଶ କରିଥିବା ବେଳେ ବନାଂଚଳବାସୀଙ୍କ ମନରେ ଭୟ ସଂଚାର ହୋଇଛି। କାଠପାଳ ଦେଇ ଅଯୋଧ୍ୟା ଗୋପାଳପୁର ଜଙ୍ଗଲରେ ରହିଥିବା ବେଳେ ଗୁରୁବାର ଦିନ ଗୋପାଳପୁର ଗାଁର ବଳଭଦ୍ର ସିଂ ର ଘରକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଦନ୍ତାର ଗତିବିଧିକୁ ନୀଳଗିରି ବନ ଅଧିକାରୀ ମନୱାର ଖାଁ ଏକ ଟିମ୍ ଗଠନ କରିଛନ୍ତି। ଯେପରି କାହାରି ଧନଜୀବନ ନଷ୍ଟ ନ ହୁଏ ସେଥିପ୍ରତି ବନବିଭାଗ ସଜାଗ ରହିଛି। ରେଞ୍ଜରଙ୍କ ର୍ଦ୍ଦେଶକ୍ରମେ ସଜନାଗଡ 'ରେଷ୍ଟର ଶ୍ରୀଧର ଲେଙ୍କା, ସଜନାଗଡ ଗାର୍ଡ, ଜୟଦେବ ମଲ୍ଲିକ, ଗୋପାଳପୁର ଗାର୍ଡ ସରସ୍ୱତୀ ମୁର୍ମୁ, ମିତ୍ରପୁର ଗାର୍ଡ ମନୋରଂଜନ ସିଂ, ହାତୀ ଉପରେ ନଜର ରଖିଛନ୍ତି। ଦନ୍ତା ହାତୀଟି ଯେପରି ଗ୍ରାମକୁ ପ୍ରବେଶ ନକରେ ସେଥିପ୍ରତି ବନ ବିଭାଗ ସତର୍କ ଦୃଷ୍ଟି ରଖିଛି। ଖବର ଲେଖିବା ବେଳକୁ ଦନ୍ତାହାତୀଟି ଗୋପାଳପୁର ଶିମିଳିକୁଟ ରେ ରହିଥିବାର ଜଣାପଡ଼ିଛି।

# ରାଇବଣିଆ-ଜଳେଶ୍ୱର ସଂଯୋଗ ଲାଗି ନିର୍ମାଣ ହେବ ଅନ୍ୟ ଏକ ପୋଲ : ସମୀକ୍ଷା କଲେ ବିଧାୟକ



ଜଳେଶ୍ୱର,୧୫।୧ (ନି.ପ୍ର): ବିଛିନ୍ନାଞ୍ଚଳଭାବେ ପରିଚିତ ଆାଦିବାାସୀ ଅଧ୍ୟୁସିତ ରାଇବଣିଆରୁ ଜଳେଶ୍ୱର ଯାତାୟାତ ଲାଗି ଗୋବରଘଟା-ଖୁଦିଆମାଝିସାହି ସଂଯୋଗୀକରଣ ହେବ। ସୁବର୍ଣ୍ଣରେଖା ନଦୀର ମକ୍ରମପୁର ଠାରେ ପୋଲ ନିର୍ମାଣ ଲାଗି ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ପୂର୍ବ ନିର୍ବାହୀଯନ୍ତ୍ରୀ ଆଲୋକ ମହାନ୍ତିଘଟଣାସ୍ଥଳ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଗତ ଡିସେମ୍ବର ୭ ତାରିଖରେ ଜିଲାପାଳ ଓ ବିଧାୟକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ପୋଲ ନିର୍ମାଣ ହେଲେ ରାଇବଣିଆ ଥାନାର ସର୍ଦ୍ଦାରବନ୍ଧ, ଶ୍ୟାମନଗର, କାଳିକ, ରାଇବଣିଆ, ଓଲମରା, ମାକିଡିଆ, ଖୁଦିଆ ମାଝିସାହି, ଦକ୍ଷିଣ ପ୍ରହରାଜପୁର ଓ ଗୋବରଘଟା ପଂଚାୟତର ୫୦ଟି ଗ୍ରାମର ଯାତାୟାତ ସମ୍ଭବ ହୋଇ ପାରିବ। ବର୍ଷଦିନେ ଲୋକଙ୍କ ଯାତାୟାତରେ ବିଶେଷ ଅସୁବିଧା ହେଉଥିବାରୁ ଜଳସେଚନ ବିଭାଗର ଉଚ୍ଚକର୍ମକର୍ତ୍ତା ଘଟଣାସ୍ଥଳ ସମୀକ୍ଷା କରି ଏହାର ଆକଳନ କରାଯିବ ବୋଲି ଜଣାଯାଇଛି। ବିଧାୟକଙ୍କ ସହିତ ସରପଂଚ ସତ୍ୟଶୋଭନ ମିଶ୍ର, ବୁଦ୍ଧେଶ୍ୱର ପ୍ରଧାନ, ଚନ୍ଦନ କର, ବିଶ୍ୱଜିତ୍ ପାଳ, ବଳରାମ ପାଳ, ଜନ୍ମେଜୟ ଘୋଷ, ଦୁବଲ ବାରିକଙ୍କ ସହିତ ବହୁ ଲୋକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡା, ଗୌରୀଶଙ୍କର ଗିରି ମଧ୍ୟ ଉପସ୍ଥିତ ଥିଲେ।

# କୁଜଙ୍ଗ ପୁରୁଣା ତହସିଲ କାର୍ଯ୍ୟାଳୟ ସଂଗ୍ରହାଳୟ ପାଇଁ ଜିଲ୍ଲାପାଳଙ୍କ ପ୍ରତିଶୃତି




ପାରାଦ୍ୱୀପ ତା ୧୪/୦୧ ଜଗତସିଂହପୁର ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ ଓ ଡକ୍ଟର ଭୋଳାନାଥ ରାଉତଙ୍କ ଦ୍ୱାରା ସଂପାଦିତ 'ଜଗତସିଂପୁର ଅତୀତ ଓ ବର୍ତ୍ତମାନ' ପୁସ୍ତକର ତଥ୍ୟ ଅନୁଯାୟୀ ଆଜକୁ ଅଢେଇଶହ ବର୍ଷ ତଳେ ଷେଣ୍ଡ ବଂଶୀୟ ରାଜାମାନଙ୍କ ଦ୍ୱାରା କୁଜଙ୍ଗରାଜ୍ୟ ଶାସିତ ହୋଇଆସୁଥିବାବେଳେ ଏହାର ପରିଚ୍ଳନା ପାଇଁ କୁଜଙ୍ଗ ଠାରେ ସେ ସମୟରେ ଏକ ଇଟାକାନ୍ଥ ନିର୍ମିତ କାର୍ଯ୍ୟାଳୟ ସ୍ଥାପନ କରାଯାଇଥିଲା। ଯେଉଁଥିରେ ରାଜ୍ୟର ପ୍ରଶାସନିକ କାର୍ଯ୍ୟ ଚ୍ଳୁଥିବାବେଳେ ବିଷେଶକରି ରାଜସ୍ୱ ଆଦାୟର ଏହା ଥିଲା ପ୍ରମୁଖ ମାଧ୍ୟମ। କୁଜଙ୍ଗର ଶେଷ ସ୍ୱାଧିନ ରାଜା ବିଦ୍ୟାଧର ଷେଣ୍ଡ ଆଇନଗତ ଲଢେଇରେ ପରାସ୍ତ ହେବାରୁ ଏହି ରାଜ୍ୟ ନିଲାମ ହୋଇ ବର୍ଦ୍ଧମାନ ରାଜାଙ୍କ ହାତକୁ ଚ୍ଲିଗଲା ପରେଏହି କାର୍ଯ୍ୟାଳୟରେ ଆରମ୍ଭ ହୋଇଥିଲା କୁଜଙ୍ଗ ତହସିଲ। ଏହା ୨୦୧୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକରି ଶେଷରେ ଗତବର୍ଷ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇଛି ତହସିଲ କାର୍ଯ୍ୟାଳୟ। ଏବେ ପୁରାତନ ଐତିହାସିକ କୋଠାକୁ ଅସୁରିକ୍ଷିତ ଓ ପରିତ୍ୟକ୍ତ ଅବସ୍ଥାରେ ଦିନକୁ ଦିନ ଜରାଜୀର୍ଣ୍ଣ ହୋଇ ନିର୍ଶ୍ଚିନ୍ନ ଆଡକୁ ଗତି କରୁଥିବାବେଳେ ଏହାର ସୁରକ୍ଷା ପାଇଁ ଜଗତସିଂହପୁର ଜିଲ୍ଲାପାଳ ଥିବା ସଂଗ୍ରାମ କେଶରୀ ମହାପାତ୍ର ଏହି ଐତିତ୍ୟ ସଂପର୍ଣ୍ଣ ତଥା ଅନେକ ଘଟଣାର ମୁକସାକ୍ଷୀ କୋଠାଟିର ମରାମତି ଓ ପୁନଃଉଦ୍ଧାର କରାଯାଇ ଏକ ସଂଗ୍ରହାଳୟ କରାଯିବ ବୋଲି କୁଜଙ୍ଗ ଠାରେ ବୁଦ୍ଧିଜୀବୀ ମାନଙ୍କ ଦୃଷ୍ଟି ଆକର୍ଷଣ ବେଳେ ପ୍ରତିଶୃତି ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କ ପ୍ରତିଶୃତି ପରେ କୁଜଙ୍ଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଧନ୍ୟବାଦ ଜଣାଇଛନ୍ତି। ଖୁବ୍‌ଶୀଘ୍ର କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର କର୍ତ୍ତୃପକ୍ଷଙ୍କୁ ସଂଗ୍ରାହଳୟ ସଂପର୍କରେ ପତ୍ର ଲେଖାଯିବ ବୋଲି ଜିଲ୍ଲାପାଳ ଶ୍ରୀ ତରାଇଙ୍କୁ ସୂଚନା ଦେଇଛନ୍ତି। ତେବେ ଜିଲ୍ଲାପାଳଙ୍କ ପ୍ରତିଶୃତି କାର୍ଯ୍ୟକାରୀ ହୋଇପାରିଲେ ଜିଲ୍ଲାରେ ଏହା ହେବ ପ୍ରଥମ ସଂସ୍କୃତି ସଂଗ୍ରାହଳୟ। ଏଥିରେ କୁଜଙ୍ଗ ରାଜ୍ୟ ଶାସନର ଚ୍ରିଶହ ବର୍ଷ ତଳର ରାଜ୍ୟ ପରିଚ୍ଳନା ର ନଥିପତ୍ର, ନୌବାଣିଜ୍ୟର ଉପକରଣ, ଶାସ୍ତ୍ର-ଧର୍ମ-ସାହିତ୍ୟର ତାଳପତ୍ର ଖୋଦା, ଯୁଦ୍ଧ କୌଶଳର ଅସ୍ତ୍ରଶସ୍ତ୍ର, ପୁରାତନ କୁଜଙ୍ଗର ବହୁ ତଥ୍ୟ ଏଥିରେ ଜଡିତ ହୋଇ ଆଗାମୀ ପିଢିପାଇଁ ଏହା ଶିକ୍ଷଣିୟ ଓ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ତରାଇ କହିଛନ୍ତି।

# ନାରାୟଣପୁର ଶ୍ରୀ ଗୁଣ୍ଡିଚ୍ଚ ମନ୍ଦିର ପରିଚ୍ଳନା କମିଟି ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ଧାମନଗର ,୧୫।୧ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ଶ୍ରୀ ଗୁଣ୍ଡିଚ୍ଚ ମନ୍ଦିର ପରିସରରେ ପବିତ୍ର ମକର ସଂକ୍ରାନ୍ତୀରେ ମନ୍ଦିର ପରିଚ୍ଳନା କମିଟି ନାରାୟଣପୁର ଆନୁକୂଲ୍ୟରେ ୬ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଏହି ସମ୍ବର୍ଦ୍ଧନା ସମାରୋହରେ ମନ୍ଦିର ପରିଚ୍ଳନା କମିଟିର ସଭାପତି ରମାକାନ୍ତ ପଣ୍ଡା ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଧାମନଗର ପଞ୍ଚାୟତ ସମିତିର ଉପାଧକ୍ଷା ବିଳାସିନୀ ଘୋଷ ବରେଣ୍ୟ ଅତିଥି, ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦକ ରଘୁନାଥ ସାହୁ ମୁଖ୍ୟଅତିଥି, ବାଣୀକବି ଦୟାନିଧି ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଏଭଳି ପୂଜ୍ୟ ପୂଜାର କାର୍ଯ୍ୟକ୍ରମ ଆୟୋଜନ କରିଥିବା କର୍ମକର୍ତ୍ତାଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକ ମାନଙ୍କ ଦୀର୍ଘ ଜୀବନ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଚିତ୍ତରଂଜନ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍ୟୋକ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ସର୍ବ ପ୍ରଥମେ ଗ୍ରାମର କୁନି କୁନି କଣ୍ଠ ଶିଳ୍ପୀଙ୍କ ଦ୍ୱାରା ଭଜନ ଓ ଆବାହନୀ ସଂଗୀତ ଗାନ କରାଯାଇଥିଲା। ଯୁବ ସମାଜସେବୀ ତଥା ପୂର୍ବତନ ସମିତିସଭ୍ୟ ରାଜୀବ ଲୋଚନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରାକ୍ତନ ଶିକ୍ଷକ ଗଙ୍ଗାଧର ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ। ମନ୍ଦିର କମିଟିର ସମ୍ପାଦକ ରବିନ୍ଦ୍ର ନାଥ ସମାରୋହର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଶତାୟୁ ପୁରୁଷ ପୁର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ନାଗରିକ ସୁଜନ ପାଗଳ, ବଂଶୀଧର ଧଳ, ନବୀନଚନ୍ଦ୍ର ନାଥ, ପୁରୁଷୋତ୍ତମ ରଣା ଓ ମାୟାଧର ସାହୁଙ୍କୁ ମନ୍ଦିର କମିଟି ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ମନ୍ଦିର ପରିଚ୍ଳନା କମିଟିର ସଭ୍ୟ ପୀତବାସ ପଣ୍ଡା, ନିତ୍ୟାନନ୍ଦ ଦାସ, ମାୟାଧର ବିଶ୍ୱାଳ, ବିବେକାନନ୍ଦ ପଣ୍ଡା, ସାନନ୍ଦଚନ୍ଦ୍ର ରାଉତ, ଚକ୍ରଧର ।ନାଥ, କିଶୋର ଦାସ, ଜନ୍ମେଜୟ ପାଗଳ, ପ୍ରଶାନ୍ତ ଦାସ, କାଳନ୍ଦି ଜେନା ପ୍ରମୁଖ ପରିଚ୍ଳନା କରିଥିଲେ।

# ସହରର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପ ଜିଲ୍ଲାପାଳ

ଜୟପୁର,୧୫।୧ (ନି.ପ୍ର): ଜୟପୁର ପୌରାଂଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମିକ୍ଷା କରିଛନ୍ତି ଉପ ଜିଲାପାଳ। ଉପ ଜିଲାପାଳ ତଥା ପୌର କାର୍ଯ୍ୟନିବାହୀ ଅଧିକାରି ହେମକାନ୍ତ ସାୟ ଏହାର ସମିକ୍ଷା କରିଛନ୍ତି। ହାଟପଦା ବସ୍ତି ଅଂଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିଥିଲେ। ସେଠାରେ ଲୋକ ମନଙ୍କ ଗାଧୋଇବା ସୁବିଧା ନଥିବା ବାସିନ୍ଦା ଉପ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ଉପ ଜିଲାପାଳ ତାଙ୍କ ପାଇଁ ମହିଳାଙ୍କ ପାଇଁ ୫ଟି ଓ ପୁରଷଙ୍କ ପାଇଁ ୫ଟି ଗାଧୋଇବା ଗୃହ କରିବାକୁ କହିବା ସହ ଗାଧୋଇବା ଘର ହେବା ପରେ ପାର୍କ ଓ ପରିଚୟ ଗୃହ ନିର୍ମାଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ପରେ ଖାଲସାହିର ପାର୍କ ର ବିକାଶ ପାଇଁ କରାଯିବା ବ୍ୟୟ ଅଟକଳ କରିବାକୁ ପୌର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଜୁରୁ ବନ୍ଦର ବିକାଶ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ଏବଂ ଏହାର ଚାରିପଟେ ଜବର ଦଖଲ ଉଚ୍ଛେଦ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ତହସିଲଦାର ନିରଞ୍ଜନ ପୁଜାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖଜୁରୁ ବନ୍ଦର ବିକାଶ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଏହାର ଚାରିପଟେ ଟ୍ରାକ ନିର୍ମାଣ ହେବ। ପରେ ଏମସସି-୨ ମକାପୁଟର କାର୍ଯ୍ୟ ଚାଲୁଥିବା ବେଳେ ତାହାର ତଦାରଖ କରି ଅତି ଶିଘ୍ର ଏହାର କାର୍ଯ୍ୟ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟାଉନ ହଲ୍ ପାର୍କ ସ୍ଥାନର ଲୋକ ମାନେ ଦୌଡିବା ପାଇଁ ଟ୍ରାକ ଏବଂ ପିଲା ମାନଙ୍କ ପାଇଁ ପାର୍କ କାର୍ଯ୍ୟ ଚାଲିଛି। ତାହାର ତଦାରଖ କରିଥିଲେ। ଏବଂ ଡିଏଫଓଙ୍କ ସହ ଆଲୋଚନା କରି ଉକ୍ତ ସ୍ଥାନରେ ଗଛ ଲଗାଇବା ପାଇଁ ସ୍ଥିର କରାଯାଇଛି। ଏହି ସମିକ୍ଷା କାର୍ଯ୍ୟରେ ଉପ ଜିଲାପାଳ ଶ୍ରୀ ସାୟଙ୍କ ସହ ପୌର କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଜାନି, ପ୍ରତାପ ଆଚାର୍ଯ୍ୟ, ସାନିଟାରି ଇନସପେକ୍ଟର ଭୁବୁନି ଚନ୍ଦ୍ର ହାଲବା, ଅତିରିକ୍ତ ତହସିଲଦାର ନିରଞ୍ଜନ ପୁଜାରି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସମନ୍ୱୟ ଓ ତଦାରଖ କମିଟି ବୈଠକ ଅନୁଷ୍ଠିତ




ବାରିପଦା,୧୫।୧ (ନି.ପ୍ର): ମୟୂରଭଂଜ ଜିଲ୍ଲାସ୍ତରୀୟ ସମନ୍ୱୟ ଓ ତଦାରଖ (ଦିଶା)କମିଟି ବୈଠକ ତା୧୨.୦୧.୨୦୨୧ରିଖ ପୂର୍ବାହ୍ନରେ ଜିଲ୍ଲା ଆଦିବାସୀ କୌଶଳ ଅଭିବୃଦ୍ଧି ସାଧନ କେନ୍ଦ୍ର ପ୍ରୟାସ ସମ୍ମିଳନ କକ୍ଷରେ ମୟୂରଭଂଜ ଲୋକ ସଭା ସଂସଦ ତଥା ଅଧକ୍ଷ ଜିଲ୍ଲା ସମନ୍ୱୟ ଓ ତଦାରଖ(ଦିଶା) କମିଟର ଅଧକ୍ଷ ଶ୍ରୀ ବିଶେଶ୍ୱର ଟୁଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଂଜ ଲୋକସଭା ସାଂସଦ ତଥା କମିଟିର ଅଧକ୍ଷ ଶ୍ରୀ ଟୁଡୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହାୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା, ଉନ୍ନୟନ ଓ ଜନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମଗୁଡିକ ସଫଳ ରୂପାୟନ ଦିଗରେ ଜିଲ୍ଲା ଦିଶା କମିଟି ବୈଠକର ଅଭିମୁଖ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ୨୦୨୧ବର୍ଷରେ ଏହି କମିଟି ବୈଠକ ପରିଚାଳନା କରିଥିଲେ। ବୈଠକରେ ମୟୂରଭଂଜ ଜିଲ୍ଲାପାଳ ଶ୍ରୀ ବୀନିତ ଭରଦ୍ୱାଜ ଭା.ପ୍ର.ସେ. ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକ ପ୍ରଶାସନିକ ତ୍ୱାବଧାନରେ ସଂପୃକ୍ତ ବିଭାଗ ଦ୍ୱାରା ତ୍ୱରାନ୍ୱିତ କରାଯିବା ଦିଗରେ ବିଶେଷ ଧାନ ଦିଆଯାଉଥିବା ଉଲ୍ଲେଖ କରିବା ସହିତ ପ୍ରତ୍ୟେକସ୍ତରେ ଜନପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନାକାର୍ଯ୍ୟକ୍ରମ ତରାନ୍ୱିତ କରାଯିବା ଦିଗରେ ଗୁରୁତ୍ୱ ଦିଆଯାଉଅଛି ବୋଲି ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲଗ୍ରାମ୍ୟ ଉନ୍ନୟନ ସଂସ୍ଥାଦ୍ୱାରା ଉପସ୍ଥାପିତ କାର୍ଯ୍ୟସୂଚୀ ଅନୁସାରେ ବିଶେଷ କରି ଗତ ୨୦୧୯-୨୦ ଓ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ଯୋଜନା ସହୟତାରେ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଥିବା ଏମଜି ଏନଆର୍‌ଇଜଏସ୍, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଦିନ ଦୟାଲ ଉପାଧାୟ ଗ୍ରାମୀଣ କୌଶଳ ବିକାଶ ଯୋଜନା, ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଜାତୀୟ ସ୍ୱାସ୍ଥ୍ୟ ମିଶନ( ସହରାଂଚଳ / ଗ୍ରାମୀଣ) ଯୋଜନା, ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମର ସ୍ଥିତି ଓ ଅଗ୍ରଗତି ସଂପର୍କରେ (ଦିଶା) ଆଲୋଚନା ମୂଳକ ସମୀକ୍ଷା କରାଯାଇଥିଲା। ଜିଲ୍ଲାମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ, ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ଯୋଜନା ସ୍ୱାସ୍ଥ୍ୟସେବା ଉପରେ ସୂଚାଇବା ସହିତ ମ୍ୟାଲେରିଆର ନିରାକରଣ ପାଇଁ ଔଷଧୀୟ ମଶାରୀ ବଂଟନ ପ୍ରକ୍ରିୟା ଏବଂ କୋଭିଡ ଟିକା କରଣ କାର୍ଯ୍ୟକ୍ରମ ଉପରେ ନିଆଯାଉଥିବା ଜରୁରୀ କାଳିନ ପଦକ୍ଷେପ ସମ୍ପର୍କରେ ସୂଚାଇ ଥିଲେ। ଜିଲ୍ଲାର ଗ୍ରାମଉନ୍ନୟନ ସଂସ୍ଥା ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯାଉଥିବା ଏମଜି ଏନଆର୍‌ଇଜଏସ୍, ଯୋଜନା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ସଂପର୍କରେ ପିଡିଡିଆରଡିଏ ଶ୍ରୀ ଭବେଶ କୁମାର ନାୟକ ସୂଚାଇବା ସହିତ ୨୦୨୦-୨୧ ଆର୍ଥିକ ବର୍ଷ ଚଳିତ ଜାନୁୟାରୀ ୧୧ ତାରିଖ ସୁଦ୍ଧା ଜିଲ୍ଲାର ପିକୃତ ଜବ୍‌କାର୍ଡ ଧାରୀ ପରିବାରର ୪.୩୮ ଲକ୍ଷ ବ୍ୟକ୍ତିଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇ ମୋଟ ୧ କୋଟି ୩୪ ଲକ୍ଷ ୩୦ ହଜାର ୫୨୮ ଶ୍ରମ ଦିବସ ସୃଷ୍ଟି କରାଯାଇ ୬୭. ପ୍ରତିଶତ ସଫଳତା ହାସଲ ହୋଇପାରିଥିବାବେଳେ ୧୦ ହଜାର ୧୮୧ ପରିବାରକୁ ଜବ୍ କାର୍ଡଧାରୀ ପରିବାରକୁ ୧୦୦ ଦିନର କାମ ଯୋଗଇ ଦିଆଯଇଥିବା ସୂଚାଇଥିଲେ। ସେହିପରି ଜାତୀୟ ଜୀବିକା ମିଶନ ଯୋଜନାରେ କାର୍ଯ୍ୟକାରୀ ଆତ୍ମନିଯୁକ୍ତି/ଆୟ ଭିତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ମୂଳକ ସମୀକ୍ଷା କରାଯାଇଥବାବେଳେ ହୀତାଧିକାରୀମାନଙ୍କ ଉତ୍ପାଦିତ ସାମଗ୍ରୀ ଗୁଡିକର ବିକ୍ରୟ ବଟା ପାଇଁ ବାଜାର ବିପଣନ ବ୍ୟବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଗମାନା ଗମନର ରାସ୍ତା ସଂଯୋଗୀ କରଣ ବିକାଶ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ତୃତୀୟ ପର୍ଯ୍ୟାୟ କାର୍ଯ୍ୟନ୍ୱୟନ ଉପାରେ, ନିର୍ବାହୀଯନ୍ତ୍ରୀ ବାରିପଦା, ରାଇରଙ୍ଗପୁର ଓ କରଂଜିଆ ପ୍ରମୁଖ ଅଗ୍ରଗତିର ସ୍ଥିତି ସଂପର୍କରେ ଆଲୋଚନାର ଅଂଶଗ୍ରହଣ କରି ତୃତୀୟ ପ୍ରର୍ଯ୍ୟାୟ ପ୍ରଧାନ ମନ୍ତ୍ରୀ ସଡକ ନିର୍ମାଣରର କାର୍ଯ୍ୟଖସଡାନୁସାରେ ପ୍ରତି ବ୍ଲକ ଅଂଚଳରେ ୩୦ କିଲୋମିଟର ରାସ୍ତାର ଉନ୍ନତିକରଣ କାର୍ଯ୍ୟଧାରା ସଂପର୍କରେ ସୂଚାଇଥିଲେ। ବୈଠକ ଉପସ୍ଥିତ ବିଧାୟକ / ଜିଲ୍ଲା ପରିଷଦ ଅଧକ୍ଷ / ପଂଚାୟତ ସମିତି ଅଧକ୍ଷ / ଅଧକ୍ଷା / ନିଜ ଅଂଚଳରେ ଏମଜି ଏନଆର୍‌ଇଜଏସ୍, ଯୋଜନା କାର୍ଯ୍ୟାନ୍ୱୟନ ବିଭାଗୀୟ ୱାର୍କଅର୍ଡର ଉପରେ କାର୍ଯ୍ୟଦେଶ ଏବଂ ରୋଲ ଠିକ୍ ଭାବେ ପରିଚାଳନା କରାଯିବା ଦିଗରେ ଧାନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମୟୂରଭର ସାଂସଦ ତଥା ଦିଶା କମିଟିର ଅଧକ୍ଷ ଶ୍ରୀ ଟୁଡୁ ଜିଲ୍ଲାର ସାମଗ୍ରୀକ ପାଇଁ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସଂପୃକ୍ତ ସରକାରୀ ବିଭାଗ ଓ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସୁସମ୍ପନ୍ୱୟ ଓ ସହଯୋଗ ରକ୍ଷା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକକୁ ପରାମର୍ଶ ଦେଇଥିଲେ। ଏହା ଉପରେ ଜିଲ୍ଲାପାଳ ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ନିର୍ଦ୍ଦେଶଙ୍କ ଧାନ ଦେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ,କରଂଜିଆ ବିଧାୟକ ଶ୍ରୀ ଗଣେଶ ଖୁଂଟିଆ, ବଡସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର -ବିଧାୟକ ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଂଟିଆ ପ୍ରମୁଖ ସମେତ ଜିଲ୍ଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ତଥା, ଜିଲ୍ଲା ପରିଷଦ ଅଧକ୍ଷ ମୟୂରଭଂଜ ଶ୍ରୀମତୀ ସୁଜାତା ମୁର୍ମୁ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶ ଉମେଶ କୁମାର ନାୟକ, ଜିଲ୍ଲାର ପଂଚାୟତ ସମିତି ଅଧକ୍ଷ / ଅଧକ୍ଷା ତଥା ଦିଶା କମିଟିର ସଦସ୍ୟ/ ସଦସ୍ୟାମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ସଂକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଅସହାୟ ଗଣତନ୍ତ୍ର...

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ଅନ୍ୟ ପକ୍ଷରେ ଡେମୋକ୍ରାଟ ମାନେ ଟ୍ରମ୍ପଙ୍କ ବିରୋଧରେ ସମ୍ବିଧାନର ୨୫ ତମ ସଂଶୋଧନର ଧାରା ଅନୁଯାୟୀ ତାଙ୍କୁ ତାଙ୍କ କାର୍ଯ୍ୟକାଳ ପୂରିବା ପୂର୍ବରୁ କ୍ଷମତାରୁ ହଟାଇବା ପାଇଁ ବିଧିବଦ୍ଧ ଭାବେ ପ୍ରସ୍ତାବ ଗ୍ରହଣ କରିବାକୁ ଦାବି କରିଛନ୍ତି । ତାଙ୍କୁ ଜଣେ ଦେଶଦ୍ରୋହୀ ଓ ଷଡଯନ୍ତ୍ରକାରୀ ରୂପେ ଗ୍ରହଣ କରାଯାଇ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆ ଯାଇ ତାକୁ କ୍ଷମତାରୁ ବରଖାସ୍ତ କରାଯାଇ ପାରେ ।ଅବଶ୍ୟ ପରେ ଟ୍ରମ୍ପ ତାଙ୍କର ପରାଜୟ ସ୍ୱୀକାର କରି ଜାନୁଆରୀ ୨୦ ରେ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରିବାକୁ ପ୍ରତିଶ୍ରୁତି ଦେବା ସହିତ ଚତୁରତାର ସହିତ ନିଜର ଭାବମୂର୍ତ୍ତିକୁ ସଜାଡିବା ପାଇଁ ହିଂସା ସୃଷ୍ଟି କରିଥିବା ନିଜ ସମର୍ଥକମାନଙ୍କୁ ନିନ୍ଦା କରିବା କେତେଦୂର ତାଙ୍କ ରାଜନୈତିକ ପରିପକ୍ୱତାକୁ ସୂଚନା ଦିଏ ତାହା ହୁଏତ ବିଚାର ସାପେକ୍ଷ । ଗଣତନ୍ତ୍ର ଗଣର ଶାସନ । ଏହା କୌଣସି ନିର୍ଦ୍ଦିଷ୍ଟ ବା କିଛି ବ୍ୟକ୍ତି ବିଶେଷଙ୍କ ବ୍ୟକ୍ତିଗତ ଇଚ୍ଛା ଅନିଚ୍ଛା ର ଶାସନ ନୁହେଁ କିମ୍ବା ଏକଛତ୍ରବାଦୀ ଚିନ୍ତାଧାରା ସମ୍ବଳିତ 'ଗନ୍' ବା 'ବୁଲେଟ୍' ର ଶାସନ ନୁହେଁ ।ଏହା ଶାନ୍ତି, ସ୍ଥିରତା, ପରସ୍ପର ବୁଝାମଣା ଓ ସହଯୋଗ ଏବଂ ସହନଶୀଳତା ଆଦର୍ଶ ସମ୍ବଳିତ 'ବ୍ୟାଲୋଟ୍' ର ଶାସନ । ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ କିମ୍ବା ହିଂସାର କେବେବି ବିଜୟ ହୁଏ ନାହିଁ । ବିଜୟ ହୁଏ ସ୍ୱତନ୍ତ୍ରତାର । ଗଣତନ୍ତ୍ରରେ ଜନମତ ଯେ ସର୍ବୋଚ୍ଚ-ଏ କଥା ଟ୍ରମ୍ପ ଯେପରି ନ ଭୁଲନ୍ତି । ଆମେରିକାର ସ୍ୱର୍ଣ୍ଣୋଜ୍ଜ୍ୱଳ ଗରିମାରେ ସେ ଲଗାଇଥିବା କଳାଦାଗ ଯେ ଲିଭିବା କଷ୍ଟ-ଏକଥା ବି ତାଙ୍କୁ ମନେରଖିବାକୁ ପଡିବ। ୨୦୧୬ ମସିହା ନିର୍ବାଚନ ବିଜୟ ବିଷୟକୁ ନେଇ ଟ୍ରମ୍ପ ଦ୍ୱନ୍ଦ ତଥା ଚର୍ଚ୍ଚାରେ ଥିଲେ । ତାଙ୍କ ବିଜୟ ପଶ୍ଚାତରେ ରୁଷିଆ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥଲା ବୋଲି ଅଭିଯୋଗ ହେଲାପରେ ଏହାର ତଦନ୍ତ ପାଇଁ ପୂର୍ବତନ ଏଫ୍.ବି.ଆଇ ନିର୍ଦ୍ଦେଶକ ରବର୍ଟ ମୁଲରଙ୍କ ଅଧୀନରେ ଏକ ନ୍ୟାୟିକ କମିଟି ମଧ୍ୟ ଗଠନ ହୋଇଥିଲା । କମିଟି ରିପୋର୍ଟରୁ ସ୍ୱଷ୍ଟ ଜଣାପଡିଥିଲା ଯେ ଟ୍ରମ୍ପ ରୁଷିଆ ସାହାଯ୍ୟରେ ଶଠତାପୂର୍ବକ ଜୟ ଲାଭ କରିଥିଲେ । ସେହି କ୍ଷମତାଲୋଭୀ ଟ୍ରମ୍ପ ହୁଏତ କ୍ଷମତାରୁ ହଟିପାରନ୍ତି କିମ୍ବା ତାଙ୍କୁ ବରଖାସ୍ତ କରାଯାଇପାରେ । ମାତ୍ର ସେ ପୋତିଥିବା ବର୍ଣ୍ଣବୈଷମର ମଂଜି ଯେ ମହାଦ୍ରୁମରେ ପରିଣତ ହୋଇ ଆମେରିକା ତଥା ସମଗ୍ର ବିଶ୍ୱରେ ଶାଖା ପ୍ରଶାଖା ମେଲିବ- ଏକଥା ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ମନେ ରଖିବାକୁ ପଡିବା ସହିତ ଆମେରିକା ତଥା ସମଗ୍ର ବିଶ୍ୱର ହିତରେ 'ଟ୍ରମ୍ପବାଦ'ର ବିଲୋପ ଓ କବର ଉପରେ ଅଗ୍ରାଧିକାର ଆଧାରରେ ବିଚାର କରିବା ହୁଏତ ତାଙ୍କ ଶାସନ କାଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହୋଇପାରେ । ଏହାଦ୍ୱାରା ପୃଥିବୀର ଶକିଶାଳୀ ଗଣତନ୍ତ୍ରର ସମୃଦ୍ଧ ପରମ୍ପରା ଦେଦୀପ୍ୟମାନ ହେବା ସହିତ ଆମେରିକା ତା'ର ହୃତ୍ ଗଣତନ୍ତ୍ରିକ ମୂଲ୍ୟବୋଧକୁ ପୁନଶ୍ଚ ଫେରିପାଇବ।

ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ମୋ-୮୨୪୯୧୩୭୦୯୧

## କଳାକୃଷି ଆଇନ ଦସ୍ତାବିଜକୁ ପୋଡିଲେ ସିପିଆଇଏମ ଦଳ



ନୀଳଗିରି,୧୫।୦୧ (ନି.ପ୍ର): କେନ୍ଦ୍ରର କୃଷି ବିରୋଧି କଳା କୃଷିଆଇନ ପ୍ରତ୍ୟାହାର ଦାବୀରେ ବିଭିନ୍ନ ସଂଗଠନ ତରଫରୁ ଦୀଲ୍ଲିରେ ୫୦ ଦିନ ଧରି ଧାରଣା ଚାଲିଛି। ଏହି ଆଇନକୁ ସିପିଆଇଏମ ଦଳ ଆଂଚଳିକ କମିଟି ତରଫରୁ କୃଷିଆଇନ ଦସ୍ତାବିଜକୁ ପୋଡାଯାଇଛି। ଏହି କାର୍ଯ୍ୟକ୍ରମରେ ସିପିଆଇଏମର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର, ସିପିଆଇଏମର ନେତା ଯୋଗାନନ୍ଦ ଦାସ, ପରମାନନ୍ଦ ବେହେରା, କାଳିଆ ପାତ୍ର, ରଥିଆ ସିଂ, କୁନା ପାତ୍ର, ସୁଜାତା ଜେନା, ସୁରେନ୍ଦ୍ର ବେହେରା, ବୈଦ୍ୟନାଥ ମୁଖୀ, ଜ୍ୟୋତିର୍ମୟି ରାଉତ, ଗୋପାଳ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଗତ ୨୪ ଘଂଟାରେ ୧,୭୦,୦୦୦ ଟଙ୍କା ଜୋରିମାନା ଆଦାୟ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଯାଜପୁର ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା, ସାମାଜିକ ଦୂରତ୍ୱ ନିୟମକୁ ନ ମାନିବା, ବାହାରେ ଛେପ ପକାଇବା ଓ ମୋଟର ଯାନ ଆଇନ ଭାଙ୍ଗିବା ଅଭିଯୋଗରେ ୧,୭୦,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଛି । ଯାଜପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୫ରେ ଜାତୀୟ ମତଦାତା....

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ନୂତନ ଭୋଟରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭୋଟରଙ୍କ ଦାୟିତ୍ୱ ଓ କର୍ତବ୍ୟ ସଂପର୍କରେ ଶପଥ ପାଠ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି। ପ୍ରତ୍ୟେକ ବୁଥସ୍ତରରେ ବିଏଲ୍‌ଓମାନେ ଉପସ୍ଥିତ ରହି ନୂତନ ଭୋଟରମାନଙ୍କୁ ଫଟୋ ପରିଚୟ ବଂଟନ କରିବା ସହ ଶପଥ ପାଠ କରାଇବେ। ଏ ବାବଦରେ ବୁଥ ପିଚ୍ଛା ୨୦୦ ଟଙ୍କା ଯୋଗାଇ ଦିଆଯିବ। ଅନୁରୂପ ଭାବେ ଜିଲ୍ଲା ସ୍ତରରେ ମଧ୍ୟ ନୂତନ ଭୋଟରମାନଙ୍କୁ ଶପଥ ପାଠ କରାଇବା ସହ ଫଟୋ ପରିଚୟ ପତ୍ର ବଂଟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି। ଜିଲ୍ଲାସ୍ତର ରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତିରେ ଉତମ କାର୍ଯ୍ୟ କରିଥିବା ବିଏଲ୍‌ଓମାନଙ୍କୁ ଉକ୍ତ ଦିବସରେ ସମ୍ମାନିତ କରାଯିବ ବୋଲି ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ରାଜ୍ୟସ୍ତରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଏଲ୍‌ଓ, ଇଆରଓ ସର୍ବୋପରି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତି ନିଆଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ବାଲେଶ୍ୱର ଏବଂ ଜଗତସିଂହପୁରଙ୍କୁ କୋଭିଡ୍ ମହାମାରୀ ସମୟରେ ସୁଚାରୁ ରୂପେ ଉପନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିବାରୁ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି ।ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ, ଭବାନୀ ପ୍ରସାଦ ରାୟ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ସଂଘମିତ୍ରା ଶତପଥୀ ଓ ଶତ୍ରୁଘ୍ନ କର, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍‌ଇ ଇଦ୍ରିଶ୍ ଅଲ୍ଲି ଖାନ୍, ଏଏସ୍‌ଇ ରାମକୃଷ୍ଣା ଟୁଙ୍ଗା ଓ ଯୋଗେଶ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ଆଜି ଦେଶବ୍ୟାପୀ କୋଭିଡ-୧୯....

କୋଭିଡ-୧୯ ମହାମାରୀ, ଟୀକାକରଣ କାର୍ଯ୍ୟକାରିତା ଏବଂ କୋ-ୱିନ ସଫ୍ଟୱେର୍ ସମ୍ପର୍କରେ କୌଣସି ପ୍ରକାର ସନ୍ଦେହ ମୋଚନ ପାଇଁ ଏକ ସମର୍ପିତ ୨୪ ଘଣ୍ଟିଆ କଲ ସେଣ୍ଟର-୧୦୭୫ ସ୍ଥାପନ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସକ୍ରିୟ ସହଯୋଗ କ୍ରମେ କୋଭିଶିଲ୍ଡ ଏବଂ କୋଭାକ୍ସିନର ଯଥେଷ୍ଟ ସଂଖ୍ୟକ ମାତ୍ରା ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶକୁ ପଠାଇ ଦିଆଯାଇସାରିଛି। ପରେ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକ ଏସବୁକୁ ଜିଲ୍ଲାଗୁଡ଼ିକୁ ପଠାଇସାରିଛନ୍ତି। ଜନ ଭାଗିଦାରୀ ନୀତି ଆଧାରରେ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ପ୍ରକାରର ପ୍ରସ୍ତୁତି କରାଯାଇଛି।

### ପରୀ ମାମଲା : ତଦନ୍ତ....

ସ୍ୱତନ୍ତ୍ର ସଚିବ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଚିଠି ମଧ୍ୟ ଦେଇଥିଲେ ବୋଲି ଦାବି କରିଥିଲେ। ଚିଠିରେ ଜଣେ ସିଟିଂ ଜଜଙ୍କ ଦ୍ୱାରା ଏସଆଇଟି ତଦନ୍ତର ମନିଟରିଂ ପାଇଁ ମୁଖ୍ୟ ବିଚାରପତିଙ୍କ ନଜରକୁ ପ୍ରସ୍ତାବଟିକୁ ଆଣିବାକୁ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଅନୁରୋଧ କରିଥିଲେ ରାଜ୍ୟ ସରକାର। ହେଲେ ଜାନୁଆରୀ ୬ ତାରିଖ ସୁଦ୍ଧା ହାଇକୋର୍ଟଙ୍କୁ କିନ୍ତୁ ସେ ସମ୍ପର୍କିତ ଚିଠି ମିଳିନଥିବା ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାସଲ କରିଥିବା ତଥ୍ୟରୁ ଜଣାପଡ଼ିଛି। ତେଣୁ ଏଠି ପ୍ରଶ୍ନ ଯଦି ଚିଠି ଲେଖା ଯାଇଥିଲା, ତାହା କିଭଳି ହାଇକୋର୍ଟରେ ପହଞ୍ଚିଲାନି ତାକୁ ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ହାଇକୋର୍ଟଙ୍କୁ ୪ଟି ପ୍ରଶ୍ନ ପଚାରିଥିଲେ। ଏଥିରୁ ସ୍ୱଷ୍ଟ ହୋଇଯାଇଛି ଯେ ରାଜ୍ୟ ସରକାର କେବଳ ଭୂଆଁ ବୁଲେଇବାକୁ କୋର୍ଟ ତଦାରଖ ତଦନ୍ତ କଥା କହିଥିବାବେଳେ କୋର୍ଟଙ୍କୁ ସେନେଇ ଅନୁରୋଧ ନକରି ଗଣମାଧ୍ୟମ ଜରିଆରେ ଲୋକମାନଙ୍କୁ ମିଛ କଥା କହିଛନ୍ତି।

### ଅଯୋଧାରେ ଶ୍ରୀରାମଙ୍କ ମନ୍ଦିର....

ଅଭିଯାନ ଆରମ୍ଭ କରାଯାଇଥିବା ବେଳେ ରାଜ୍ୟରେ ମଧ୍ୟ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ପକ୍ଷରୁ ଏହି ଅଭିଯାନର ନେତୃତ୍ୱ ନେଇଛି । ଓଡ଼ିଶାରେ ୩୦ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ସମସ୍ତେ ସହଭାଗୀ ହେବା ଦରକାର। ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ଓଡ଼ିଶାବାସୀଙ୍କୁ ସହଯୋଗ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଅଯୋଧାର ଶ୍ରୀରାମ ଜନ୍ମଭୂମିରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ ପ୍ରମୁଖ ସନ୍ଥମାନଙ୍କୁ ନେଇ ଗଠିତ ମାର୍ଗ-ଦର୍ଶକ ମଣ୍ଡଳୀଙ୍କ ଦ୍ୱାରା ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ଗଠନ କରାଯାଇଛି। ଆଜି ଭୁବନେଶ୍ୱର ଠାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଏହି ସମିତିର ସଦସ୍ୟଗଣ ତଥା ଆରଏସଏସ ଓଡ଼ିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି, ଓଡ଼ିଶାର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ସମ୍ପାଦକ ଶ୍ରୀ ଗୋପାଳପ୍ରସାଦ ମହାପାତ୍ର, ଉପାଧ୍ୟକ୍ଷ ଶ୍ରୀ ମନସୁଖଲାଲା ସେଠିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

### ଏଥର ସାଧାରଣତନ୍ତ୍ର ଦିବସ...

କରୋନା ଯୋଦ୍ଧାଙ୍କ ସମେତ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଇ-ନିମନ୍ତ୍ରଣ ମାଧ୍ୟମରେ ଆମନ୍ତ୍ରୀତ କରାଯିବ। ସେହିପରି ଉତ୍ସବ ସ୍ଥଳରେ ସାମାଜିକ ଦୂରତ୍ୱ ରକ୍ଷା କରିବା ଏବଂ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ସଭା ସ୍ଥଳକୁ ପୂର୍ବରୁ ସାନିଟାଇଜ କରାଯିବା ସହ ଅତିଥିଙ୍କ ନିମନ୍ତେ ବିଭିନ୍ନ ପ୍ରବେଶ ପଥରେ ସାନିଟାଇଜର ରଖାଯିବ। ରାଜ୍ୟର ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏହି ଗାଇଡ଼ଲାଇନ୍ ? ପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

### ସ୍କୁଲ ଖୋଲୁ ଖୋଲୁ ....

ଅନ୍ୟ କରୋନା ଗାଇଡଲାଇନ ପାଳନକୁ କଡାକଡ଼ି କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଉଛି। ଏ ନେଇ ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି, ଆମେ ସରକାରଙ୍କ ତରଫରୁ ଜାରି ହୋଇଥିବା ଗାଇଡଲାଇନର ପୂରା ପାଳନ କରୁଛୁ। ପ୍ରଥମେ ପିଲାଙ୍କୁ ସାନିଟାଇଜ କରି କ୍ଲାସକୁ ଛଡ଼ାଯାଉଛି। କ୍ଲାସ୍ ଭିତରେ ସାମାଜିକ ଦୂରତା ରଖି ସିଟିଂ ଆରେଞ୍ଜମେଣ୍ଟ ହୋଇଛି। କ୍ଲାସ୍ ରୁମରେ ମଧ୍ୟ ସାନିଟାଇଜର ରଖାଯାଉଛି। ଖାଇବା ଛୁଟିରେ ଯେପରି ଭିଡ଼ ହେବ, ସେଥିଲାଗି ଶିକ୍ଷକ ଶିକ୍ଷୟିତ୍ରୀ କଡ଼ା ନଜର ରଖୁଛନ୍ତି। ଏସବୁ ସତ୍ତ୍ୱେ କିଭଳି ଭୂତାଣୁ ସଂକ୍ରମଣ ଘଟିଲା ତାକୁ ନେଇ ଉଠିଛି ପ୍ରଶ୍ନ। ସ୍କୁଲରେ ସଂକ୍ରମଣ ବ୍ୟାପିବା ସତ୍ତ୍ୱେ ସ୍ଥିତି ନିୟନ୍ତ୍ରଣରେ ଥିବା କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ। ଅନ୍ୟପକ୍ଷରେ କୋଭିଡ ଗାଇଡଲାଇନ୍ ପାଳନ ସଂକ୍ରମଣ ରୋକିବାର ଏକମାତ୍ର ଉପାୟ ବୋଲି ମତ ଦେଇଛନ୍ତି ଡିଏମଇଟି। ଟିକାକରଣ ପରେ ସଂକ୍ରମଣ ଯଥେଷ୍ଟ କମିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ବର୍ଷ ମାର୍ଚ୍ଚ ମାସରୁ ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିଛି। ପାଖାପାଖି ୯ମାସ ପରେ ରାଜ୍ୟରେ ସ୍କୁଲ୍ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଆଗାମୀ ଦିନରେ ରାଜ୍ୟ ସରକାର ବାକି ଶ୍ରେଣୀର କ୍ଲାସଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏବେ ଶିକ୍ଷକ ଓ ଛାତ୍ରଛାତ୍ରୀ କରୋନାରେ ଆକ୍ରାନ୍ତ ହେବା ପରେ ରାଜ୍ୟ ସରକାର ବାକି କ୍ଲାସ୍ ଗୁଡ଼ିକୁ ଖୋଲିବେ କି ନାହିଁ, ତାକୁ ନେଇ ଆଶଙ୍କା ଦେଖା ଦେଇଛି।

## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ବହୁ କ୍ରୀଡ଼ା ସୁବିଧା ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଆଜି ରେଳବାଇ ଇନଡୋର ଷ୍ଟାଡିୟମରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ କ୍ରୀଡାବିତ ମାନଙ୍କ ଉପସ୍ଥିତିରେ ବିଭିନ୍ନ କ୍ରୀଡ଼ା ସୁବିଧା ସହିତ କ୍ରିକେଟ୍ ଏକାଡେମୀ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ମହା ପ୍ରବନ୍ଧକ ବିଦ୍ୟାଭୂଷଣ ଦ୍ୱିତଳ ବିଶିଷ୍ଟ ଜିମ୍ନାସିୟମ୍ ଉଦ୍‌ଘାଟନ କରିଥିବା ବେଳେ ରେଳ ଇନଡୋର ଷ୍ଟାଡିୟମରେ ଟେବୁଲ୍ ଟେନିସ୍ କୋର୍ଟ, ହ୍ୟାଣ୍ଡବଲ କୋର୍ଟ, ବାସ୍କେଟବଲ କୋର୍ଟ ଏବଂ କବାଡ଼ି କୋର୍ଟ ମଧ୍ୟ ଉଦ୍‌ଘାଟନ କରିଛନ୍ତି । ଇନଡୋର ଷ୍ଟାଡିୟମ ପାଖରେ ମଧ୍ୟ ଏକ ଲନ ଟେନିସ୍ କ୍ଲେକୋର୍ଟକୁ ମହାପ୍ରବନ୍ଧକ ଉଦ୍‌ଘାଟନ କରିଛନ୍ତି । ପରେ ମହାପ୍ରବନ୍ଧକ ଭୁବନେଶ୍ୱରର ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ କ୍ରିକେଟ୍ ଏକାଡେମୀର ଉଦଘାଟନ କରିଥିଲେ । କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବ ତଟ ରେଳ ସ୍ପୋର୍ଟସ ଆସୋସିଏସନର ରେଳ ଇନଡୋର ସ୍ପୋର୍ଟସ କମ୍ପ୍ଲେକ୍ସ ଯୋଗାଇ ଦିଆଯାଇଛି ଏବଂ ବର୍ତ୍ତମାନ ଏହାକୁ ଅନେକ ସୁବିଧା ସହିତ ନବୀକରଣ କରାଯାଇଛି । ଏହି କ୍ରୀଡ଼ା କମ୍ପ୍ଲେକ୍ସରେ ବ୍ୟାଡ଼ମିଂଟନ, ଟେବୁଲ୍ ଟେନିସ୍, ଭଲି ବଲ୍, ବାସ୍କେଟ୍ ବଲ, ହ୍ୟାଣ୍ଡ ବଲ, କବାଡ଼ି, କ୍ୟାରମ୍ ଏବଂ ଚେସ୍ ସହିତ ଇନ୍ ଟେନିସ୍ ଏବଂ ଜିମ୍ନାସିୟମ୍ ଓ ଯୋଗା ଇତ୍ୟାଦିର ସୁବିଧା ଯୋଗାଇ ଦିଆଯାଇଛି ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟଉଦ୍‌ଯାପିତ : କୁଡେଇ କ୍ରିକେଟ ଟିମ ଚାମ୍ପିୟନ



ଖଇରା,୧୫।୧(ନିପ୍ର)ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ଗଗନଧୂଳୀ ପଞ୍ଚାୟତ ରଫାୟତପୁର ପଡିଆରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ କୁଡେଇ କ୍ରିକେଟ ଟିମବିଜୟୀ ହୋଇଥିଲା । ପ୍ରଥମେ ଟସ ଜିତି କୁଡେଇ ବୋଲିଙ୍ଗ ନିଷ୍ପତି ନେଇଥିଲା । ସାଉଁଡିଆ ବ୍ୟାଟିଙ୍ଗ କରି ୧୫ ଓଭରରେ ୮ ଓ୍ୱିକେଟ ହରାଇ ବିଶାଳ ୧୯୧ ରନ କରିଥିବାବେଳେ ଜବାବରେ କୁଡେଇ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁ କରିଥିଲେ ମଧ୍ୟ ୪ ଓ୍ୱିକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଆଜିର ଏହି ଫାଇନାଲ ଦିବସରେ ଯୁବ ସମାଜସେବୀ କରୁଣାକର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଡେଇର ଖେଳାଳୀ ନିଲେଶ କୁମାର ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ସାଉଁଡିଆ କ୍ରିକେଟ ଟିମର ବେଷ୍ଟ ବୋଲର ନାରାୟଣ ପ୍ରସାଦ ବେହେରାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସାଉଁଡିଆ ରନର୍ସଅପ ଦଳକୁ ୨୦୦୦ ଓ ବିଜେତା କୁଡେଇ ଟିମକୁ ୩୦୦୦ଟଙ୍କାର ଚେକ ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଆଜି ଫାଇନାଲ ମ୍ୟାଚରେ ଦୁଇ ଅମ୍ପେୟାର ହିସାବରେ ରାଜେନ୍ଦ୍ର ପତି ଓ ଶଶିକାନ୍ତ ଯେନା ମ୍ୟାଚକୁ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟର କର୍ମକର୍ତ୍ତା ତପନ ପତି,ନବୀନ ଦାସ,ବିଶ୍ୱମ୍ଭର ସାହୁ,ଭରତ ସାହୁ,ଅଭୟ ଯେନା ,ଶଙ୍କର ଯେନା ମ୍ୟାଚକୁ ପରିଚାଳନା କରିବାରେ ସହାୟତା କରିଥିଲେ । ବିଜେତା ଦଳର ଅଧିନାୟକ ଆର କେ ଧୋନୀ ଖେଳାଳୀମାନଙ୍କୁ ବିଜେତା ବୋଲି ଗର୍ବ ନକରି ଖେଳୀବାରେ ଲକ୍ଷ୍ୟ ଦେଲେ ବିଜୟ ସ୍ଥିର ନିଶ୍ଚିତ ହେବ ବୋଲି ଖେଳ ଶେଷରେ ପ୍ରକାଶ କରିଥିଲେ ।

## ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



ପାରାଦୀପ,୧୫।୦୧ (ନି.ପ୍ର): ପାରାଦୀପ ବନ୍ଦର ପ୍ରଶାସନିକ ଭବନରେ ଶୁକ୍ରବାର ଦିନ ମଧ୍ୟାହ୍ନରେ ଅଗ୍ନିଶମ ବରିଷ୍ଠ ଅଧିକାରୀ ଓ ସିଆଇଏସ୍‌ଏଫ୍‌ର ସମନ୍ୱୟରେ ଏକ ଫାୟାର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଏମ୍.ବିଶ୍ୱାଳଙ୍କ ତତ୍ତ୍ୱାବଧାନ ରେ ସମସ୍ତ ଫାୟାର ଉପକରଣ ନିୟୋଜିତ କରାଯାଇ ଏହି କୌଶଳ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା । ଏହି ଅବସର ରେ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷଙ୍କ ସମେତ ବନ୍ଦର ଅଧିକାରୀ ମାନେ ଉପସ୍ଥିତ ରହି ଅଭ୍ୟାସକୁ ଦେଖିଥିଲେ । ଶେଷରେ ଫାୟାର କମାଣ୍ଡାଣ୍ଟ ଧ୍ୟାନ୍ ସିଂ ଅଗ୍ନି ମୁକାବିଲା ତଥା ପିଡିତ ମାନଙ୍କୁ ଥଇଥାନ କରିବା ପାଇଁ ଫାୟାର ଟିମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦ୍ଧତି ବିଷୟ ରେ ସୂଚନା ଦେଇଥିଲେ। ନିଆଁକୁ ଆୟତ କରିବା ପାଇଁ ସେମାନଙ୍କ ଦକ୍ଷତା, ସମୟାନୁବର୍ତ୍ତୀତା ଉଦ୍ୟମ ଏବଂ ସମନ୍ୱୟ ପାଇଁ ସେମାନଙ୍କ ଅଧିକାରୀମାନେ ସିଆଇଏସ୍‌ଏଫ୍ (ଫାୟାର)କୁ ପ୍ରଶଂସା କରିଥିଲେ ଏବଂ ପରବର୍ତ୍ତୀ ଉନ୍ନତି ପାଇଁ ଡ୍ରିଲ ସମୟରେ ଦେଖାଯାଉଥିବା କ୍ଷୁଦ୍ର ଘଟଣାକୁ ଦର୍ଶାଇଥିଲେ । ସିଆଇଏସ୍‌ଏଫ୍‌ର କମାଣ୍ଡାଣ୍ଟ ଏମ୍.ବିଶ୍ୱାଳ ସିଆଇଏସ୍‌ଏଫ୍ ସେମାନଙ୍କ ଭଲ ଉଦ୍ୟମ ପାଇଁ ଟିମ୍ କୁ ପ୍ରଶଂସା କରିଥିଲେ ।

## ୧୮ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ

ନୀଳଗିରି,୧୫।୦୧ (ନି.ପ୍ର): ନୀଳଗିରି ବ୍ଲକ୍ ସିଆଡ଼ିମାନ ପଂଚାୟତର ସୀତାପତିପୁର ଗ୍ରାମରେ ଥିବା ଏମ୍.ବି.ଏ. କ୍ଲବ୍‌ର ୧୮ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବେ ନୀଳଗିରି ସମାଜସେବୀ ସବ୍ୟସାଚୀ ମହାପାତ୍ର ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅଂଚଳରେ ବେଶ୍ ଜଣାଶୁଣା ତଥା ଅଗ୍ରଣୀ ଏମ୍.ବି.ଏ. କ୍ଲବ୍‌ର ସଭାପତି ପରମାନନ୍ଦ ଦାସବାବୁ, ସମ୍ପାଦକ ପଂଚାନନ ସିଂହଙ୍କ ନେତୃତ୍ୱରେ ବିଭିନ୍ନ ଖେଳ ଯଥା ସର୍ଟ ପୁଟ୍, ଛୁଂଚିସୂତା, କୁକୁଡ଼ା ଲଢ଼େଇ, କୁମ୍ଭୀର ଦୌଡ଼ ପିଲାମାନଙ୍କ ମଧ୍ୟରେ ଖେଳା ଯାଇଥିଲା । କ୍ଲବ୍‌ର ସଦସ୍ୟ ପ୍ରଦୀପ ବେହେରା, ଯୋଗେନ୍ଦ୍ର ବେହେରା, ଜିତେନ୍ଦ୍ର ସେନାପତି, ପଦ୍ମଲୋଚନ ଦାସବାବୁ, ଜୟରାମ ସିଂ, ଖଗେଶ୍ୱର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଉମାକାନ୍ତ ବେହେରା, ଶିବନାଥ ବେହେରା ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରିଥିବା ବେଳେ ୯୪୯ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୭୦,୨୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଭୁବନେଶ୍ୱରର ୬ଟି ହସ୍ପିଟାଲରେ ଦିଆଯିବ ଟିକା

ଭୁବନେଶ୍ୱର,୧୫।୦୧ (ନି.ପ୍ର): (ଶନିବାର)ରାଜଧାନୀର ମୋଟ୍ ୬ଟି ହସ୍ପିଟାଲରେ କରୋନା ଟିକାକରଣ କରାଯିବ ବୋଲି ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କ୍ୟାପିଟାଲ ହସ୍ପିଟାଲ, ୟୁନିଟ୍-୪, ବିଏମସି ହସ୍ପିଟାଲ, କିମସ୍, ସମ୍ ହସ୍ପିଟାଲ ଏବଂ ଏମ୍ସ ହସ୍ପିଟାଲରେ କୋଭିଡ୍ ଟିକାକରଣ କରାଯିବ । ପ୍ରତି ଭ୍ୟାକ୍ସିନେସନ୍ ସେଂଟରରେ ୧୦୦ ଜଣ ଲେଖାଏଁ ମୋଟ୍ ୬୦୦ ଲୋକଙ୍କୁ ଟୀକା ଦିଆଯିବ । ବିଏମସି ପ୍ରଥମ ପର୍ଯ୍ୟାୟ ପାଇଁ ଯେତିକି ଭ୍ୟାକ୍ସିନ ପାଇଛି, ସେଥିରେ ଭୁବନେଶ୍ୱରର ମୋଟ ୯ ହଜାର ଲୋକଙ୍କୁ ଟିକା ଦିଆଯିବ । ପ୍ରଥମ ପର୍ଯ୍ୟାୟ ଟିକାକରଣ ପ୍ରକ୍ରିୟାରେ ୯ ହଜାର ଲୋକଙ୍କୁ ଟିକା ଦିଆଯିବ ବୋଲି ବିଏମସି କମିଶନର କହିଛନ୍ତି ।

## କୋଭିଡ ଟୀକାକରଣ ସମ୍ପର୍କୀତ ପ୍ରଶିକ୍ଷଣ କର୍ମଶାଳା

ଭୁବନେଶ୍ୱର,୧୫।୦୧ (ନି.ପ୍ର): କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ପ୍ରସ୍ତୁତ କରୋନା ପ୍ରତିଷେଧକ ଟିକା ଜାନୁୟାରୀ ୧୬ତାରିଖ ଠାରୁ ଲୋକଙ୍କୁ ଦିଆଯିବା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ସହିତ ସମଗ୍ର ଦେଶରେ କରୋନା ସମ୍ପର୍କୀତ ଭୟ ଦୂର ହୋଇଯିବ ବୋଲି ଚିକିତ୍ସିକ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ କହିଛନ୍ତି । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଆଜି ଏକ ପ୍ରଶିକ୍ଷଣ କର୍ମଶାଳାରେ କ୍ଷେତ୍ର ଉପରେ କାର୍ଯ୍ୟ କରୁଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧନ କରି ରାଜ୍ୟ କୋଭିଡ ଟିକାକରଣର ନୋଡାଲ ଅଧିକାରୀ ତଥା ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ପାଣିଗ୍ରାହୀ କହିଛନ୍ତି ଯେ, ବର୍ତ୍ତମାନ ଟୀକାର ପ୍ରସ୍ତୁତି ଲବୋରେଟୋରୀ ଠାରୁ ଟୀକାକରଣ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଦୂରତାକୁ ଶୀତଳ ଜଞ୍ଜିର ମଧ୍ୟରେ ସୁରକ୍ଷିତ ରଖାଯିବା ସହ ଟିକାକରଣକୁ ମଧ୍ୟ ସୁରକ୍ଷିତଭାବେ ସମ୍ପାଦନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଛି । ଟିକାର ଲାବୋରଟୋରୀରେ ପ୍ରସ୍ତୁତି, ପରୀକ୍ଷା , ବଂଟନ ଏବଂ ଟୀକାକରଣ ଆଦି ବିଭିନ୍ନ ସୋପାନ ଉପରେ ଆଲୋଚନା କରି ବର୍ତ୍ତମାନ ପ୍ରାଥମିକତା ଭିତ୍ତିରେ ସମାଜର କିଛି ଶ୍ରେଣୀର ଲୋକଙ୍କୁ ଏହି ଟୀକା ଦିଆଯାଉଛି । ବର୍ତ୍ତମାନ ସମସ୍ତଙ୍କୁ ଟୀକା ଦିଆଯାଉ ନ ଥିବାରୁ ସେ ସମ୍ପର୍କୀତ ବିଭିନ୍ନ ଭୁଲ ଧାରଣାକୁ ସମାଜରେ ପ୍ରଶ୍ରୟ ନ ଦେବା ପାଇଁ ଡକ୍ଟର ପାଣିଗ୍ରାହୀ କହିଛନ୍ତି । ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ହୃଦରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଦୀପକ ରଞ୍ଜନ ଦାସ ଏହି ଟୀକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରି ବହୁ ପରୀକ୍ଷଣ ପରେ ଏହି ଟୀକା ଲୋକମାନଙ୍କୁ ଦିଆଯିବା ପାଇଁ ଆସିଛି ଏବଂ ଏହା ଶତକଡା ଶହେ ଭାଗ ପ୍ରଭାବଶାଳୀ ତଥା ନିରାପଦ ବୋଲି କହିଛନ୍ତି । ଏହାର ପାର୍ଶ୍ୱର୍ ପ୍ରତିକ୍ରିୟା ସମ୍ପର୍କୀତ ସ୍ୱାସ୍ଥ୍ୟ ସମସ୍ୟା ସମସ୍ତଙ୍କ କ୍ଷେତ୍ରରେ ହେବ ନାହିଁ, କିନ୍ତୁ ସମସ୍ତଙ୍କୁ ନିରୀକ୍ଷଣ ରଖାଯିବା ବ୍ୟବସ୍ଥା ହୋଇଛି ବୋଲି ଡକ୍ଟର ଦାସ କହିଛନ୍ତି । ଏହି ଟୀକାକରଣ କ୍ଷେତ୍ରରେ ସବୁ କିଛି ବର୍ତ୍ତମାନ ସରକାରଙ୍କ ନିୟନ୍ତ୍ରଣରେ ଥିବାରୁ ଏହାର ସମସ୍ତ ଦାୟିତ୍ୱ ସରକାରଙ୍କ ଠାରେ ରହିଛି ଏବଂ ନିର୍ଭୟରେ ଲୋକମାନେ ଏହି ଟିକା ନେବା ପାଇଁ ଟିକାଦାନ କେନ୍ଦ୍ରକୁ ଆସିବାକୁ ମଧ୍ୟ ଡକ୍ଟର ଦାସ କହିଛନ୍ତି । ରାଜ୍ୟ ୟୁନିସେଫର ଗଣଯୋଗାଯୋଗ ପ୍ରତିନିଧି ରାଧିକା ଶ୍ରୀବାସ୍ତବ ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି ଯେ, ଟିକାକରଣ ଓ ଏହାର ସଫଳତା କ୍ଷେତ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ ସମୟରେ ସାମାଜିକ ଗଣମାଧ୍ୟମ ତଥା ଅନ୍ୟାନ୍ୟ ଗଣମାଧ୍ୟମରେ ଏହି ଟିକାକରଣ ସମ୍ପର୍କୀତ ଭୂଲ ଧାରଣା ଓ ଗୁଜବ ପ୍ରଚାରିତ ହେଉଥିବାରୁ ଏଥିପ୍ରତି ଗଣମାଧ୍ୟମ ପ୍ରତିନିଧି ମାନେ ସତର୍କ ରହି ବିଭ୍ରାନ୍ତିରୁ ଲୋକମାନଙ୍କୁ ଦୂର କରିବା ଉଚିତ ବୋଲି କହିଛନ୍ତି । କୌଣସି ଏକ ଭୁଲ ଧାରଣା ଗଣମାଧ୍ୟମକୁ ଆସିବା ମାତ୍ରକେ ତୁରନ୍ତ ଏହାର ପ୍ରତ୍ୟୁତ୍ତର ଦେବା ଆବଶ୍ୟକ ବୋଲି କହିଛନ୍ତି । ଏହି ଟିକାକରଣ ସଫଳତା କ୍ଷେତ୍ରରେ ସ୍ୱାସ୍ଥ୍ୟରକ୍ଷା ଏବଂ ସ୍ୱଚ୍ଛତାକୁ ମଧ୍ୟ ପାଳନ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିମାନେ ଲୋକଙ୍କୁ କହିବା ଉଚିତ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ସରକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଲୋକଙ୍କୁ ଜଣାଇବା ଆବଶ୍ୟକ ବୋଲି କହିଥିଲେ । ଏ କ୍ଷେତ୍ରରେ ନାନାପ୍ରକାର ଭୁଲ ତଥ୍ୟ ଏବଂ ଗୁଜବ ପ୍ରଚାରିତ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରତ୍ୟକ୍ଷଦର୍ଶୀ ଏବଂ କ୍ଷେତ୍ର ଉପରୁ ମିଳୁଥିବା ସମ୍ବାଦକୁ ଗୁରୁତ୍ୱଦେବା ସହିତ ସମ୍ପୃକ୍ତ ବିଭାଗଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଆବଶ୍ୟକ ବୋଲି କହିଥିଲେ । ପତ୍ରସୂଚନା କାର୍ଯ୍ୟାଳୟର ଗଣଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର କ୍ଷେତ୍ର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଥିବା ସମସ୍ତ ଅଧିକାରୀ, ପତ୍ରସୂଚନା କାର୍ଯ୍ୟାଳୟର ଅଧିକାରୀମାନେ ଏବଂ ଦୂରଦର୍ଶନ ଓ ଆକାଶବାଣୀର ଜିଲ୍ଲା ସମ୍ବାଦଦାତା ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଇଥିଲେ ।

## ୧୧ତମ ପଞ୍ଚାୟତ ସମିତି ବୈଠକ ହଟ୍ଟଗୋଳ ମଧ୍ୟରେ ଶେଷ



ଧାମନଗର,୧୫।୦୧ (ନି.ପ୍ର): ଧାମନଗର ବ୍ଲକ ସଭା ଗୃହରେ ୧୧ତମ ପଞ୍ଚାୟତ ସମିତି ବୈଠକ। ବ୍ଲକରେ ବିଭିନ୍ନ ପଞ୍ଚାୟତକୁ ଆସୁଥିବା ଅର୍ଥ କାର୍ଯ୍ୟବଣ୍ଟନ ବେଳେ ପାତର ଅନ୍ତର ଅଭିଯୋଗରେ ପଞ୍ଚାୟତ ସମିତି ବୈଠକରେ ଉଭୟ ପକ୍ଷ ମୁହାଁମୁହିଁ । ବିଧାୟକ ଓ ବ୍ଲକ ଚେୟାରମ୍ୟାନଙ୍କ ଉପସ୍ଥିତିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବଣ୍ଟନକୁ ନେଇ ଉଭୟପକ୍ଷ ମୁହାଁମୁହିଁ ସୂଚନା । ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଧାମନଗର ବିଧାୟକ ବିଷ୍ଣୁ ସେଠୀ, ସାଂସଦଙ୍କ ପ୍ରତିନିଧି ବିନୋଦ ବିହାରୀ ନାୟକ, ବିଡିଓ ଦୁର୍ଗା ଚରଣ ମୁର୍ମୁ, ଉପାଧ୍ୟକ୍ଷା ବିଳାସିନୀ ଘୋଷ, ଜିଲ୍ଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ, ମନୋରଂଜନ ମଲ୍ଲିକ, ବରିଷ୍ଠ ସମିତି ସଭ୍ୟ ପ୍ରଦୀପ କୁମାର ମଲ୍ଲୀକ, ହରେକୃଷ୍ଣ ପାଢୀ, ମାନସ ବାରିକ୍ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ଓ ସରକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ଆରମ୍ଭରୁ ସରକାରୀ ଯୋଜନାରୁ ବାଦ ପଡିଥିବା ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ । ବିଭିନ୍ନ ଯୋଜନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସିଥିବା ଟଙ୍କା କାର୍ଯ୍ୟ ବଣ୍ଟନ ବେଳେ ପାତର ଅନ୍ତର ଅଭିଯୋଗ ଆଣି ବିଜେପିର ସମିତି ସଭ୍ୟ ଓ ସରପଞ୍ଚମାନେ ବିଗତ କିଛି ଦିନ ତଳେ ଧାରଣାରେ ବସିଥିଲେ । ସେମାନଙ୍କୁ ନିଜ ନିଜ ପଞ୍ଚାୟତରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବା ପ୍ରତିଶୃତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମାତ୍ର ୯୦ ହଜାର ଲେଖାଏଁ ଟଙ୍କା ସେମାନଙ୍କ ପଞ୍ଚାୟତକୁ ଦିଆଯାଇଥିବାରୁ ସରପଞ୍ଚମାନେ ଆଜିର ବୈଠକରେ ବିଭନ୍ନ ଯୁକ୍ତି କରିବା ସହ ବ୍ଲକ କର୍ତ୍ତୃପକ୍ଷଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରିଥିଲେ । ଫଳରେ ବେଶ କିଛି ସମୟ ଯାଏଁ ସମିତି ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ମୁର୍ମୁ ଗୃହରେ ପ୍ରତିଶୃତି ଦେବା ପରେ ଗୃହ ଶାନ୍ତ ପଡିଥିଲା ।

# ସମସ୍ୟା, ସମ୍ଭାବନା ଓ ସମାଧାନ ଦ୍ୱାରା ୨୦୩୬ରେ ନୂଆ ଓଡିଶା ନିର୍ମାଣ କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଭୁବନେଶ୍ୱର ଠାରେ ସମ୍ବାଦର 'ବ୍ରାଣ୍ଡସ୍ ଅଫ୍ ଓଡିଶା ପ୍ରାଇଡ୍ ଅଫ୍ ଇଣ୍ଡିଆ'ର ଚତୁର୍ଥ ସଂସ୍କରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଓଡ଼ିଶାର ଉନ୍ନତି ପାଇଁ ଥିବା ତିନି 'ସ' ସମସ୍ୟା, ସମ୍ଭାବନା ଓ ସମାଧାନ ଉପରେ ଦୃଷ୍ଟି ଆକର୍ଷଣ କରିବା ତଥା ବ୍ୟବସ୍ଥା ତିଆରି କରିବା ପାଇଁ କେବଳ ସରକାର ନୁହେଁ ସମାଜକୁ ମଧ ଦାୟିତ୍ୱ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ତିନି 'ସ' ସମସ୍ୟା, ସମ୍ଭାବନା ଓ ସମାଧାନ ଦ୍ୱାରା ୨୦୩୬ରେ ନୂଆ ଓଡିଶା ନିର୍ମାଣ କରିପାରିବା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଓଡିଶାର ପ୍ରତିଷ୍ଠିତ ଖବର କାଗଜ ସମ୍ବାଦ ବର୍ତମାନ ସମୟରେ ବ୍ୟବସାୟୀ ଜଗତକୁ ପ୍ରୋତ୍ସାହନ ଦେବା ପାଇଁ ଏପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସାଧୁବାଦ ଜଣାଇବା ସହ ସମ୍ବାଦ କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ଼୍-୨୦୨୧ ଗ୍ରହଣ କରିଥିବା ପ୍ରତିଷ୍ଠିତ ବ୍ୟକ୍ତି ଓ ସଂସ୍ଥାକୁ ସେ ଅଭିନନ୍ଦନ ଜଣାଇଛନ୍ତି । ଆଧୁନିକ ସମୟରେ ଆମେ ବ୍ରାଣ୍ଡ୍ ଓଡ଼ିଶାର ଚିନ୍ତା କରୁଛେ । ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ବ୍ରାଣ୍ଡ୍ ଏବଂ ସେ ହିଁ ଆମ ଜାତିର ଅସ୍ମିତାର ପରିଚୟ । ଆମ ଓଡ଼ିଆ ସଂସ୍କୃତି, ପରମ୍ପରା, କଳା, ଭାସ୍କର୍ଯ୍ୟ, ସାହିତ୍ୟ ଓ ଖାଦ୍ୟପେୟ ଇତ୍ୟାଦି ଆମ ପାଇଁ ବ୍ରାଣ୍ଡ୍ ଓ ଆମର ପରିଚୟ । ବର୍ତମାନ ସମୟରେ ଆମେ ଓଡ଼ିଶାର ସମସ୍ୟାକୁ ଦାୟିତ୍ୱର ସହ ନେବା ସହ ସମାଜିକ ଉଦ୍ୟମରେ ଏହାର ସମାଧାନ କରିବା ଦରକାର । ଆମେ ୨୦୨୧କୁ ପ୍ରବେଶ କରିଥିବା ବେଳେ ଆଉ ୧୫ ବର୍ଷ ପରେ ୨୦୩୬କୁ ଓଡ଼ିଶା ପ୍ରଥମ ଭାଷାଭିତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବାର ୧୦୦ ବର୍ଷ ପୂରଣ କରିବ । ତେବେ ଏହି ସମୟରେ ଓଡ଼ିଶାରେ ପ୍ରତିବର୍ଷ ଜନ୍ମ ହେଉଥିବା ୮ ଲକ୍ଷ ଶିଶୁଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ପୁଷ୍ଟିକରଯୁକ୍ତ ଖାଦ୍ୟ ନ ମିଳିବା ଆଜିର ସମୟରେ ଆମ ପାଇଁ ବଡ଼ ଚ୍ୟାଲେଞ୍ଜ । ଏହି କାରଣରୁ ଶିଶୁ ମାନଙ୍କର ଶରୀରର ସଠିକ୍ ବିକାଶ ହୋଇନଥାଏ । ଏହି ସମସ୍ୟାକୁ ସମାଜକୁ ଗୁରୁତ୍ୱର ସହ ଦାୟିତ୍ୱ ନେବା ପାଇଁ ପଡ଼ିବ । ଓଡ଼ିଶାରେ ଶିଶୁ ମାନଙ୍କ ଜନ୍ମ ପରେ ପରେ ସେମାନଙ୍କ ଶାରିରୀକ ବୃଦ୍ଧି ନିମନ୍ତେ ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣ ଯୁକ୍ତ ଖାଦ୍ୟ କିପରି ପହଁଚିପାରିବ ସେ ନେଇ ଦୃଷ୍ଟିଦେବା ଦରକାର । ଏହି ସମସ୍ୟାର ସମାଧାନ ହେଲେ ୨୦୩୬କୁ ଓଡ଼ିଶାର ସାମଗ୍ରିକ ବିକାଶ ସଠିକ୍ ଭାବରେ ହୋଇପାରିବ । ପ୍ରଗତି ଶୀର୍ଷରେ ପହଁଚିବା ପାଇଁ ଓଡିଶାରେ ସବୁ ଉପାଦାନ ଭରିରହିଛି ।

# ଭାଗବତ ପଣ୍ଡା ପାଇଲେ ଫକୀର ମୋହନ ସାହିତ୍ୟ ସଂଗଠନ ସମ୍ମାନ ଓ ମକରମଣ୍ଡା ସମ୍ମାନ-୨୦୨୧





ବାରିପଦା,୧୫।୦୧ (ନି.ପ୍ର): ପ୍ରତିଶ୍ରୁତି ତ୍ରୈମାସିକ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ, ବିଶିଷ୍ଟ ସାହିତ୍ୟିକ, ଖ୍ୟାତନାମା ପ୍ରବଚକ ଓ ସାରସ୍ୱତ ସଂଗଠକ ଭାଗବତ ପଣ୍ଡା ଚଳିତ ବର୍ଷ ଫକୀରମୋହନ ସାହିତ୍ୟ ପରିଷଦ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ୟାସକବି ଫକୀରମୋହନଙ୍କ ୧୭୯ତମ ଜୟନ୍ତୀ ତଥା ସାହିତ୍ୟ ପରିଷଦର ୭୪ତମ ବାର୍ଷିକ ଉତ୍ସବ ଅବସରରେ ବିଶିଷ୍ଟ କବି ପଞ୍ଚାନନ ଦାଶଙ୍କ ସ୍ମୃତିରେ ନିବେଦିତ ଫକୀରମୋହନ ସାହିତ୍ୟ ସଂଗଠନ ସମ୍ମାନ-୨୦୨୧-ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଠାରୁ ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି । ଉକ୍ତ ସମାରୋହରେ ବିଶିଷ୍ଟ କବି ଡ.ଫନୀ ମହାନ୍ତି ମୁଖ୍ୟ ଅତିଥି ପ୍ରାବନ୍ଧିକ ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ସାଲ୍ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଭବ୍ୟ ସମାରୋହରେ ପରିଷଦର ସ୍ଥାୟୀ ସଭାପତି ଡ.ଶିରିଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଡା. କୁମାର ଗୋପାଳ ମଞ୍ଚାସୀନ ଥାଇ ସାରସ୍ୱତ ସାଧକ ଶ୍ରୀ ପଣ୍ଡାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏତଦ୍ ବ୍ୟତିତ ସାରସକ୍ଷେତ୍ର ସାରସକଣାଠାରେ ମକରସଂକ୍ରାନ୍ତି ଅବସରରେ ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଅରୁନ୍ଧତୀ କାବ୍ୟର ସ୍ରଷ୍ଟା ସ୍ୱର୍ଗତଃ ପରମାନନ୍ଦ ସାହୁଙ୍କ ସ୍ମୃତିରେ ନିବେଦିତ ମର୍ଯ୍ୟାଦା ଜନକ ମକରମଣ୍ଡା ସମ୍ମାନ-୨୦୨୧ ଲାଭ କରିଛନ୍ତି । ଡ.ଉପେନ୍ଦ୍ରନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାରସକଣା ପଞ୍ଚାୟତସମିତି ଅଧକ୍ଷ ମଙ୍ଗଳ ସିଂ, ମୁଖ୍ୟ ଅତିଥି ଓ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ତଥା ମକରମଣ୍ଡା ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ, ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ ପ୍ରମୁଖ ଶ୍ରୀ ପଣ୍ଡାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶ ଥାଉକି ଶ୍ରୀ ପଣ୍ଡା ପୂର୍ବରୁ ରାଜ୍ୟ ଓ ଜାତୀୟ ପୁରସ୍କାର ପାଇବା ସହିତ ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହୋଇ ଏ ମାଟିର ଗୌରବ ବର୍ଦ୍ଧନ କରିଛନ୍ତି ।

# ଶୁଭାରମ୍ଭ ହେଲା ରାମ ମନ୍ଦିର ନିର୍ମାଣାର୍ଥେ ପାଣ୍ଠି ସଂଗ୍ରହ ଅଭିଯାନ



ନୀଳଗିରି,୧୫।୦୧ (ନି.ପ୍ର): ଉତର ପ୍ରଦେଶର ଅଯୋଧ୍ୟା ଠାରେ ରାମ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଦିନ ନୀଳଗିରି ଜଗନ୍ନାଥ ମନ୍ଦିରରୁ ଏକ ସୁସଜ୍ଜିତ ରାମ ରଥ ବାହାରି ନିଧି ସମର୍ପଣ ଅଭିଯାନକୁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନିଧି ସମର୍ପଣ ପାଣ୍ଠିକୁ ୨୧ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି । ଶତାଧିକ ରାମଭକ୍ତଙ୍କ ଗହଣରେ ଏହିରଥ ଏକ ବିରାଟ ପଟୁଆରରେ ସହର ପରିକ୍ରମା କରିଥିବା ବେଳେ ବହୁ ବଦାନ୍ୟ ବ୍ୟକ୍ତି ରାମମନ୍ଦିର ନିର୍ମାଣାର୍ଥେ ଅର୍ଥ ଦାନ କରିଛନ୍ତି । ଧୋବଶିଳା ଅଂଚଳର ୰ ରଘୁନାଥ ରାଉତଙ୍କ ସ୍ତ୍ରୀ ସାବିତ୍ରୀ ମଣି ଦେଇ ରାମମନ୍ଦିର ନିର୍ମାଣ ପାଇଁ ୧ ଲକ୍ଷ ୧୧ ହଜାର ୧୦୦ ଟଙ୍କାର ଏକ ଚେକ ପ୍ରଦାନ କରିଥିବା ବେଳେ ବୀରେନ୍ଦ୍ର ପଣ୍ଡା ଏକ ହଜାର ଟଙ୍କା, ଅଜିତ୍ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ରାଉତ, ବିନୋଦ ବିହାରୀ ପଣ୍ଡା, ଶିକ୍ଷାବିତ୍ ଇଂ. ସୁଶୀଲ କୁମାର ସିଂ ରାଧାଗୋବିନ୍ଦ ଖଟୁଆ ପ୍ରମୁଖ ବହୁ ବଦାନ୍ୟବ୍ୟକ୍ତି ମନ୍ଦିର ନିର୍ମାଣର୍ଥେ ଅର୍ଥଦାନ ଦେଇଥିବାର ଜଣାପଡ଼ିଛି ।

## ରାଜ୍ୟରେ ଆଉ ୨ ଜଣଙ୍କର କରୋନାରେ ମୃତ୍ୟୁ

ଭୁବନେଶ୍ୱର,୧୫।୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୯୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତ ମଧ୍ୟରେ ଜଣେ ଖୋର୍ଦ୍ଧା ଜିଲ୍ଲାର ଓ ଅନ୍ୟ ଜଣେ ସୁନ୍ଦରଗଡ ଜିଲ୍ଲାର ବୋଲି ଜଣା ପଡିଛି । । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାଜିଲ୍ଲାର ଜଣେ ୬୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି ।

# ହାତିଆଡିହା ଯୋଗଶିକ୍ଷା କେନ୍ଦ୍ରରେ ବାର୍ଷିକ ଅଧିବେଷନ




ରୁପ୍ସା,୧୫।୦୧ (ନି.ପ୍ର): ଦିବା୧୦ଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ର ୨୪ତମ ବାର୍ଷିକ ଅଧିବେଶନ ଆଶ୍ରମରୁ ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ସଭାପତିତ୍ୱରେ ସମାରୋହରେ ପାଳିତ ହୋଇ ଯାଉଛି । ଆଶ୍ରମର ଉପାଧ୍ୟକ୍ଷା ମୁନୀରାଞ୍ଜୀ କନକଲତା ମହାପାତ୍ରଙ୍କ କରକମଳରେ ସତ୍ୟପତାକା ଉତ୍ତୋଳନ କରାଯାଇଥିଲା । ବ୍ରହ୍ମବିତ୍ ଯୋଗୀ ମୋହିମ ମୁନି ମୁଖ୍ୟ ଅତିଥି ଭାବରେ, ଆଶ୍ରମରୁ କୋଷାଧ୍ୟକ୍ଷ ଯୋଗୀ ଭିକାରିଚରଣ ମୁନି ମୁଖ୍ୟ ବକତେ ଭାବରେ ଏବଂଯୋଗଶିକ୍ଷିକା କଳ୍ପନାମିସ୍ତ୍ରୀ ମହୋଦୟା ମମ୍ମାନୀତ ବକ୍ତା ଭାବରେ ଯୋଗଦାନ କରୁଥିଲେ । ଯୋଗଶିକ୍ଷିକା ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ଗାନକରିଥିଲେ । ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ସମସ୍ତେ କରୋନାର ସମସ୍ତ ନିତି ନୀୟମ ପାଳନ କରିଥିଲେ । ପ୍ରତିଦିନ ଜଣେ କ୍ରିୟାତ୍ମକ ଚକ୍ରଭେଦନ ଏବଂ ପ୍ରାଣାୟାମ ଜାରି ରଖିଲେ ସର୍ବଦା ନୀରୋଗ, ନିରାମୟ ଜିବନ ଯାପନ କରି ପାରିବ ବୋଲି ସମସ୍ତେ ପ୍ରକାଶ କରିଥିଲେ । ଉପସ୍ଥିତ ଥିଲେ ମୁନିରାଞ୍ଜୀ ବିମଳା ଲେଙ୍କା, ବାସନ୍ତୀ ମହାଳିକ, ଜାହ୍ନବୀ ଗିରୀ, ମଞ୍ଜୁଲତା ବେହେରା, ମୁନିକୁମାରୀ ମିନତୀ ଦଳାଇ, ମୁନି ଗୌରହରି ବାରିକ, ରଘୁନାଥ ବେହେରା, ସାଧନ ସିଂ ଇତ୍ୟାଦି । ଶେଷରେ ମୁନି ବିଶ୍ୱଜିତ୍ ମିସ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରୁଥିଲେ ।

# ପ୍ରଥମ ପର୍ଯ୍ୟାୟରେ ୩ଟି ଟୀକା କେନ୍ଦ୍ରରେ ଟୀକା ନେବେ ୮୫୬୬ ଜଣ



ଭଦ୍ରକ,୧୫।୦୧ (ନି.ପ୍ର): ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ଟୀକାକରଣ ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ବାସୁଦେବପୁର ସିଏଚ୍‌ସିରେ ଏହାର ଶୁଭାରମ୍ଭ ହେବାକୁ ଥିବା ବେଳେ ଜିଲ୍ଲା ଅନ୍ୟ ଟୀକାକରଣ କେନ୍ଦ୍ର ଭାବେ ଭଦ୍ରକ ପୌରପାଳିକାର କୁଆଁସ ପିପିସି ଓ ବରପଦା ସିଏଚ୍‌ସି ଠାରେ ଟୀକାକରଣ କରାଯିବ । ପ୍ରତି ଟୀକା କେନ୍ଦ୍ର ପ୍ରତିଦିନ ୧୦୦ଜଣଙ୍କୁ ଟୀକା ପ୍ରଦାନ କରାଯିବ । ଏ ନେଇ ଆଜି ଜିଲ୍ଲାପାଳ ଡ. ଜ୍ଞାନ ଦାସ ସଦ୍‌ଭାବନା ସଭାଗୃହରେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇ ପ୍ରକାଶ କରିଛନ୍ତି । ଡ. ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆହୁରି ସୂଚନା ଦିଆଯାଇଥିଲା କି ଜିଲ୍ଲାର ମୋଟ ୮୫୬୬ଜଣ ଟୀକା ନେବାକୁ ନାମ ପଞ୍ଜୀକରଣ କରାଯାଇଛି । ସେମାନଙ୍କ ମଧରେ ସ୍ୱାସ୍ଥ୍ୟକର୍ମୀ ୪ହଜାର ୪୮ଜଣ ଥିବା ବେଳେ ଅଙ୍ଗନୱାଡି ଏବଂ ଜିଲ୍ଲା ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧିନ କର୍ମଚାରୀ ୪ହଜାର ୫୧୮ଜଣ ଟୀକା ନେବେ । ପଞ୍ଜିକୃତ ହିତାଧିକାରୀ ଭାବେ ଭଦ୍ରକ ପୌରପାଳିକାରୁ ୧୨୩୦ଜଣ, ବରପଦା ସିଏଚ୍‌ସି ଅଧିନରେ ୭୯୭ଜଣ, ବାସୁଦେବପୁରରୁ ୧୩୧୯, ବନ୍ତରୁ ୮୮୨, ଭଣ୍ଡାରିପୋଖରୀରୁ ୯୭୫, ଚାନ୍ଦବାଲିରୁ ୧୨୩୦, ଧାମନଗରରୁ ୧୦୩୫, ତିହିଡିରୁ ୧୦୯୮ଜଣ ଟୀକା ଗ୍ରହଣ କରିବେ । ତେବେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୫ହଜାର ୫୫୦ ଟୀକା ଆସିଥିବା ବେଳେ ବାକି ୩ହଜାର ୧୬ଟି ଭ୍ୟାକ୍ସିନ (ସିଙ୍ଗଲ ଡୋଜ) ଆସିବାକୁ ବାକି ରହିଛି । ମୋଟ ୪୮ଟି ଟିମ୍‌ରେ ୨୪୦ଜଣ ଏହି ଟୀକାଦାନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଜିଲ୍ଲାର ମୋଟ ୩୬ଟି କେନ୍ଦ୍ରରେ ଟୀକା ସବୁକୁ ରଖା ଯାଇଛି । ପଞ୍ଜିକୃତ ହିତାଧିକାରୀଙ୍କୁ ଟୀକା ଦିଆଯିବା ପରେ ସେମାନଙ୍କୁ ୩୦ ମିନିଟ ପର୍ଯ୍ୟବେକ୍ଷଣରେ ରଖାଯିବ । ଯଦି କୌଣସି ପ୍ରକାର ପାର୍ଶ୍ୱପ୍ରତିକ୍ରିୟା ପ୍ରକାଶ ପାଏ ତେବେ ତାଙ୍କୁ ଚିକିତ୍ସା ନିମନ୍ତେ ତୁରନ୍ତ ବନ୍ଦୋବସ୍ତ ରଖାଯାଇଛି । ଚିକିତ୍ସା ପାଇଁ ଡାକ୍ତର ଓ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଛି ବୋଲି ଜିଲ୍ଲାପାଳ ଡ. ଦାସ କହିଥିଲେ । ସମ୍ମିଳନୀରେ ଉପସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର ସୂଚନା ଦେଇ କହିଥିଲେ କି ଜିଲ୍ଲାକୁ ଆସିଥିବା ଟୀକାର ନାମ କୋଭିଶିଲ୍‌ଡ ଏବଂ ଏହା ଆସନ୍ତା ଏପ୍ରିଲ ୨୯ ତାରିଖ ପର୍ଯ୍ୟନ୍ତ ବୈଧ ରହିଛି । ଟୀକା ପ୍ରତି ହିତାଧିକାରୀଙ୍କୁ ଦୁଇଥରରେ ଗୋଟିଏ ଭାଏଲକୁ ପ୍ରଦାନ କରାଯିବ । ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଷିଶ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ମଞ୍ଚାସିନ ହୋଇଥିଲେ ।

# ଜୈବସଂପଦ ପ୍ରବନ୍ଧନ ଏବଂ ଶକ୍ତି ସଂରକ୍ଷଣ କାର୍ଯ୍ୟ ଦକ୍ଷତା ସୃଷ୍ଟିରେ ସହାୟକ ହେବ




ବାଲେଶ୍ୱର, ୧୫/୧(ନି.ପ୍ର): ଜୈବ ସଂପଦ ପ୍ରବନ୍ଧନ ଏବଂ ଶକ୍ତି ସଂରକ୍ଷଣ ପଦାର୍ଥ ଉନ୍ନୟନ ପାଇଁ ଉତ୍କର୍ଷ କେନ୍ଦ୍ର (ଓଡ଼ିଶା ସରକାରଙ୍କ ଓଏଚପିଇଇ ଅଧୀନରେ ଏବଂ ବିଶ୍ୱ ବ୍ୟାଙ୍କର ଆର୍ଥିକ ସହାୟତାରେ)ର ଶିଳାନ୍ୟାସ କରି ଫକୀରମୋହନ ବିଶବବିଦ୍ୟାଳୟର କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ନିଜ ଅଭିମତରେ କହିଥିଲେ, "ସଂପ୍ରତି ବିଶ୍ୱ ଯାନ୍ତ୍ରିକ ଜ୍ଞାନକୌଶଳରେ ପ୍ରଗତି କଲେ ବି ସମଗ୍ର ମାନବ ସମାଜ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଗତିକରୁଛି; ଯେମିତି କି ପରିବେଶ ପରିବର୍ତ୍ତନ ଓ ଗ୍ଲୋବାଲ ୱାର୍ମିଙ୍ଗ, ଜନସଂଖ୍ୟା ବୃଦ୍ଧି, ଖାଦ୍ୟ ସମସ୍ୟା, ମଧୁର ଜଳ ସମସ୍ୟା ଏବଂ ଶକ୍ତି ସମସ୍ୟା । ସଂପ୍ରତି କୋଭିଡ-୧୯ ମହାମାରୀ ଏକବିଂଶ ଶତାବ୍ଦୀରେ ସବୁଠାରୁ ବଡ଼ ସମସ୍ୟା ଭାବରେ ଉଭାହୋଇଛି । ଆମେ ସମସ୍ତେ ଏହାର ପ୍ରତିକାର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କରିପାରିବା ।" ପ୍ରଫେସର ସାହୁ ଆହୁରି କହିଥିଲେ ଜୈବ ସଂପଦ ପ୍ରବନ୍ଧନ ଏବଂ ଶକ୍ତି ସଂରକ୍ଷଣ କେବଳ ଉପରୋକ୍ତ ସମସ୍ୟା ସମାଧାନରେ ସହାୟକ ହେବ ତାହା ନୁହେଁ; ଏହା ଆମ ଦେଶରେ ନିଯୁକ୍ତି ସୃଷ୍ଟିରେ ମଧ୍ୟ ସାହାଯ୍ୟ କରିବ । ପ୍ରଫେସର ସାହୁ ପୂର୍ବତନ ନିର୍ଦ୍ଦେଶକ (ଆଇ.ବି.ଏସ.ଡି) ମଣିପୁର, ମେଘାଳୟ, ମିଜୋରାମ ଓ ସିକିମ ଏବଂ ଭାରତୀୟ ଚେରି ବ୍ଲସମ ଫେଷ୍ଟିଭାଲର ମୁଖ୍ୟ କର୍ଣ୍ଣଧାର ଏହି ଅବସରରେ କହିଥିଲେ ଚେରି ବ୍ଲସମ ସାକୁରା ଭାବରେ ଜଣାଶୁଣା ଏବଂ ଏହା ବିଭିନ୍ନ ଦେଶର ଯଥା ଜାପାନ, କୋରିଆ, ଆମେରିକା ପ୍ରଭୃତି ଦେଶରେ କୋଟିକୋଟି ଟଂକା ରାଜସ୍ୱ ଆଦାୟରେ ସାହାଯ୍ୟ କରିଛି । ସେ କହିଥିଲେ ଭାରତ ଜୈବସଂପଦର ଅଧିକ ସମୃଦ୍ଧ । ଯଦି ସାର୍ଥକ ବିନିଯୋଗ କରାଯାଇପାରିବ ତାହେଲେ ଭାରତର ଅର୍ଥନୀତିରେ ଅଭିବୃଦ୍ଧି ହେବ । ଆମେ ଆମର ଏହି ପ୍ରାକୃତିକ ସଂପଦର ସୁବିନିଯୋଗ ଆମର ଭବିଷ୍ୟତ ପାଇଁ କରିବା ଉଚିତ । ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଆସିଥିବା ପ୍ରଫେସର ସାହୁ ଗୁରୁତ୍ୱ ଦେଇଛନ୍ତି ଯେ, ବାଲେଶ୍ୱରର ଏହି କେନ୍ଦ୍ର ଜୈବସଂପଦ ପ୍ରବନ୍ଧନ ଉପରେ ଗୁରୁତ୍ୱ ଦେବେ । ୧୦୦୦୦ ବର୍ଗଫୁଟ ପରିମିତ ଅଂଚଳରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଭଲ ଗବେଷଣାଗାର ସହିତ ବିଶ୍ୱମାନର ଉପକରଣ ମାଧ୍ୟମରେ କାର୍ଯ୍ୟ କରିବ । ଏହା ଓଡ଼ିଶା ପୋଲିସ ହାଉସିଙ୍ଗ ସୋସାଇଟି ଦ୍ୱାରା ନିର୍ମିତ ହୋଇ ଡିସେମ୍ବର-୨୧ ମଧ୍ୟରେ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଛି । ପ୍ରଫେସର ସାହୁ ସଂପ୍ରତି ଓଲିମ୍ପିଆନ ମେରି କମଙ୍କ ସହିତ 'ସମସ୍ତଙ୍କ ପାଇଁ ପରିବେଶ ସନ୍ତୁଳନ' ଶୀର୍ଷକରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରି ସାରା ବିଶ୍ୱରେ ପ୍ରଶଂସା ପାଇଛନ୍ତି ।

# ମୟୁରଭଞ୍ଜ ଠାକୁରମୁଣ୍ଡା ଘାଟି ସଡ଼କ ଦୁର୍ଘଟଣାରେ ନୀଳଗିରିର ଯୁବକ ମୃତ

ନୀଳଗିରି,୧୫।୦୧ (ନି.ପ୍ର): ନୀଳଗିରି ଅଂଚଳର ଜଣେ ଯୁବକ ଠାକୁରମୁଣ୍ଡା ଘାଟିଠାରେସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ସୂଚନା ଅନୁସାରେ ନୀଳଗିରି ବ୍ଲକ୍‌ର କେ.ସି.ପୁର ପଂଚାୟତର ଚଣ୍ଡିଗଡ଼ ଗ୍ରାମର ଜୟନ୍ତ ମଲ୍ଲିକ (୨୨) ୬ଜଣ ସାଙ୍ଗମାନଙ୍କ ସହିତ ୩ଟି ବାଇକ୍‌ରେ ଋିଟିଂ ଯାଉଥିବା ବେଳେ ଠାକୁରମୁଣ୍ଡା ଘାଟି ଠାରେ ହଠାତ୍ ଏକ କୁକୁର ବାହାରି ପଡ଼ିବାରୁ ବାଇକ୍‌କୁ ନିୟନ୍ତ୍ରଣ କରି ନପାରିବାରୁ ଭାରସାମ୍ୟ ହରାଇ ତଳେପଡିଯାଇଥିଲେ । ଫଳରେ ଜୟନ୍ତ ମଲ୍ଲିକ ଗୁରୁତର ହୋଇଥିବା ଅବସ୍ଥାରେ କଟକ ମେଡ଼ିକାଲ ନେଉଥିବା ବେଳେ ବାଟରେ ମୃତ୍ୟୁ ହୋଇଅଛି । ଅଂଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଯୁଆନ ପୁଅକୁ ହରାଇ ପରିବାରରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।ଏ ନେଇ ବରହମ୍ପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ମିଲେଟ୍ସ ଶକ୍ତି ଭ୍ରାମ୍ୟମାଣ ଭ୍ୟାନ୍ ଜିଲ୍ଲାପାଳଙ୍କ ଦ୍ୱାରା ଉଦ୍‌ଘାଟିତ




ବାରିପଦା,୧୫।୦୧ (ନି.ପ୍ର): ୨୦୨୧ ରିଖ। ଓଡିଶାର ପ୍ରଥମ ମିଲେଟ୍ସ ଶକ୍ତି ମୋବାଇଲ (ଭ୍ରାମ୍ୟମାଣ) ଭ୍ୟାନ୍ ଜିଲ୍ଲାପାଳ, ମୟୂରଭଞ୍ଜ ଶ୍ରୀ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ.ଙ୍କ ଦ୍ୱାରା ତା. ୧୩-୦୧-୨୦୨୧ ରିଖ ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା କୃଷି ବିଭାଗ ତତ୍ୱାବଧାନରେ କ୍ରେଫଡା ଯଶିପୁରଙ୍କ ସହଯୋଗରେ ଆୟୋଜିତ ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ମିଲେଟ୍ସ ଶକ୍ତି ଭ୍ୟାନ୍‌ର ଉଦଘାଟନ କରିଛନ୍ତି । ମିଲେଟ୍ସ (ମାଣ୍ଡିଆ ଶସ୍ୟରୁ ପ୍ରସ୍ତୁତ) ବିଭିନ୍ନ ଖାଦ୍ୟ ପଦାର୍ଥ / ସାମଗ୍ରୀର ଦୈନନ୍ଦିନ ଜୀବନରେ ଖାଦ୍ୟ ଭାବେ ବ୍ୟବହାର କରାଯିବା ନେଇ ଜିଲ୍ଲାରେ ଏବଂ ମିଲେଟ୍ସ ମିଶନ କାର୍ଯ୍ୟକ୍ରମ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି ମୁଖ୍ୟ ଉଦ୍ଦେଶ୍ୟ ନେଇ ମିଲେଟ୍ସ ଶକ୍ତି ଭ୍ୟାନ୍ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରା ଯାଉଅଛି । ମିଲେଟ୍ସ (ମାଣ୍ଡିଆ) ପୃଷ୍ଟି ଶସ୍ୟର ବହୁଳ ବ୍ୟବହାର ପାଇଁ ଉଭୟ ଗ୍ରାମାଂଚଳ ଓ ସହରାଂଚଳ ବଜାରରେ ପହଂଚିବା ପାଇଁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । ଜିଲ୍ଲାର ବାଙ୍ଗିରିପୋଷି, ବିଶୋଇ ଏବଂ ଯଶିପୁର ଅଞ୍ଚଳରେ ମାଣ୍ଡିଆ ଋଷ କରାଯାଇ ଉତ୍ପାଦନ ହୋଇଥିବା ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପୃଷ୍ଟିକର ଓ ବେଶ୍ ସ୍ୱାଦିଷ୍ଟ । ଓଡିଶା ମିଲେଟ୍ସ ମିଶନ ପ୍ରୋତ୍ସାହନରେ ଯଶିପୁର କୃଷକ ଉତ୍ପାଦନ କୋ ଲିମିଟେଡ୍ ଦ୍ୱାରା ପରିଋଳିତ ଏହି ମିଲେଟ୍ସ ପୃଷ୍ଟିସାର ଖାଦ୍ୟଶସ୍ୟ ବ୍ୟାପକ ବ୍ୟବହାର ପାଇଁ ଜିଲ୍ଲାରେ ବିଭିନ୍ନ ବ୍ଲକ୍ ଅଞ୍ଚଳରେ ସଂପ୍ରସାରିତ କରାଯାଇ ବିକ୍ରୟ ୟୁନିଟ୍ ଖୋଲାଯିବ । ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କ ମିଲେଟ୍ସ ମିଶିନ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ଏହି କାର୍ଯ୍ୟକ୍ରମଟି ପୃଷ୍ଟିଶସ୍ୟର ଉତ୍ପାଦକତା ଏବଂ ଘରୋଇ ଉପଯୋଗ, ଉନ୍ନତ ପ୍ରକ୍ରିୟାକରଣ ଏବଂ ମିଲେଟ୍ସର ଉପଯୁକ୍ତ ମୂଲ୍ୟ ହାସଲ ପାଇଁ ଲକ୍ଷ୍ୟ ସହ ଅରିତିକ୍ତ ପୃଷ୍ଟି ସାଧନ ଯୋଜନା ଏବଂ ସାଧାରଣ ବିତରଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତିକରଣ ଲକ୍ଷ୍ୟ ରହିଛି । ଓଡିଶା ମିଲେଟ୍ସ ମିଶନ ଅଧିନରେ ଏହି କାର୍ଯ୍ୟକ୍ରମ ରେ ମୟୂରଭଞ୍ଜ ଜିଲ୍ଲାରେ ୩୦୦୦ କୃଷକ ୨୫୦୦ ହେକ୍ଟର ଚାଷ ଜମିରେ ଉନ୍ନତ କୃଷି ପ୍ରଣାଳୀ ଗ୍ରହଣକରି ବିଭିନ୍ନ ପ୍ରକାରର ମିଲେଟ୍ସ ସଫଳତାର ସହିତ ଉତ୍ପାଦକତା ବୃଦ୍ଧି କରିବାରେ ସମର୍ଥ ହୋଇଛନ୍ତି । ଚାଷୀ ମାନେ ଚଳିତ ଖରିଫ ୨୦୨୦-୨୧ ରେ ଡିବିଟି ମାଧମରେ କୃଷକମାନଙ୍କୁ ପ୍ରତ୍ସାହନ ମୂଳକ ଅଧିକ ସହାୟତା ଲକ୍ଷ୍ୟ ପୁରଣ ହୋଇପାରିଛି । ମୋଟ ୨୦୦ କୃଷକ ଖରିଫ ବିପଣନ ଋତୁ ୨୦୨୦-୨୧ ରେ ମାଣ୍ଡିଆ କ୍ରୟରେ ଅଂଶଗ୍ରହଣ ପାଇଁ ପଞ୍ଜିକୃତ ହୋଇଅଛନ୍ତି ଏବଂ ମଣ୍ଡି ମାଧମରେ ୩୮୦୦ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରିବା ପାଇଁ ଯୋଜନା ହୋଇଅଛି । ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଉପଯୋଗ ଏବଂ ଜୀବିକା ବୃଦ୍ଧି କାର୍ଯ୍ୟକ୍ରମ, ଉଦ୍ଦେଶ୍ୟ ପାଇଁ ବାଙ୍ଗିରିପୋଷି, ବିଶୋଇ ଏବଂ ଯଶିପୁର ବ୍ଲକରେ ମିଶନ ଶକ୍ତି ସହଯୋଗରେ ୯ଟି ମିଲେଟ୍ସ ଶକ୍ତି ଟିଫିନ୍ ସେଣ୍ଟର/ କିଓସ୍କ ପ୍ରତିଷ୍ଠା କରାଯାଇଅଛି । ଉକ୍ତ ଉଦଘାଟନୀ କାର୍ଯ୍ୟକ୍ରମରେ ମିଲେଟ୍ସ ସହକାରୀ କୃଷି ଅଧିକାରୀ ସଏଲକେମିଷ୍ଟ ମନୋଜ କୁମାର ଋନ୍ଦ, ନୀଳମାଧବ ଦାସ ଓ ଅଶ୍ୱନୀ କୁମାର ଦାସ, ମିଲେଟ୍ସ ମିଶନର ରାଜ୍ୟ ପରାମର୍ଶଦାତା ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଅନୁସୂୟା ସାହୁ ପ୍ରମୁଖ ସମେତ ସମ୍ପୃକ୍ତ କ୍ଷେତ୍ର ଅଧିକାରୀ / କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, BARIPADA
e_mail = rw_mayurbhanj@yahoo.co.in
e_Procurement Tender Call Notice No. Online 07/RWD/BPD/2020-21

1. Name of the work : Road Works
2. Total No.of works : 12 Nos.
3. Estimated Cost : Approx Estimated Cost Rs.0.90 lakhs to Rs.3.97 lakhs
4. Class of Contractor : 'D' &'C'
5. Period of completion : 1(One) Month
6. Other details :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 07 ( Online) /RWD-BPD of 2020-21 | Dt.20.01.21 at 11.00 A.M. | Dt. 29.01.21 upto 5.00 P.M. | Dt. 28.01.21 upto 5.00 P.M. | Dt. 30.01.21 at 11.00 A.M. |

Further details can be seen from the sebsite www.tendersorissa.gov.in

Sd/- N.V. Harihar Rao
Executive Engineer
R.W. Division, Baripada

OIPR : 25057/11/0009/2021

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo